
ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

ବାଲେଶ୍ୱର ❑ ଶୁକ୍ରବାର ୨୦ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 20 JUNE 2025

Vol.No. 36 ■ No.161 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

DADLS-34



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସେବା
ସୁଶାସନ
ଗରିବ କଲ୍ୟାଣ
ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ
ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ

ନୂତନ ରେଳ ସେବା ଏବଂ ୧୦୦ ବ୍ୟାଟେରୀ ଚାଳିତ ବସ୍‌ର ଶୁଭାରମ୍ଭ

ବରପୁତ୍ର ସମ୍ମାନ ଯୋଜନାର ଲୋକାର୍ପଣ

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା ଶୁଭ ଉନ୍ମୋଚନ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପୁସ୍ତିକା ଉନ୍ମୋଚନ

ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ

୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର

ଗରିମାମୟ ଉପସ୍ଥିତି

ଡ. ହରି ବାବୁ କମ୍ଭମ୍ପାଟି
ରାଜ୍ୟପାଳ, ଓଡ଼ିଶା

ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

ଶ୍ରୀଯୁକ୍ତ ଜୁଏଲ ଓରାମ
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡା
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

OIPR : 15001/13/0713/2526

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଶୈଶବ ଅପପୁଷ୍ଟିର ମୁକାବିଲା ପାଇଁ ଜାତୀୟ ନୀତି ଆଲୋଚନା ଅନୁଷ୍ଠିତ

କେନ୍ଦୁଝର, ୧୯/୬ (ନି.ପ୍ର): ଆଦିବାସୀ ଅଂଚଳରେ ଶୈଶବ ଅପପୁଷ୍ଟିର ସମାଧାନ ପାଇଁ ପୋଷକତତ୍ୱରେ ଭରପୁର ଫସଲ ବୃଦ୍ଧି ଶୀର୍ଷକ ଏକ ଜାତୀୟ ନୀତି ଆଲୋଚନା ଆଜି କେନ୍ଦୁଝର ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ବୈଜ୍ଞାନିକ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ସରକାରୀ ଅଧିକାରୀ, ଛାତ୍ର ଏବଂ ଚାଷୀ ଏକତ୍ରିତ ହୋଇଥିଲେ । ସ୍ଥାୟୀ ପୁଷ୍ଟିକର ଖାଦ୍ୟ ଉତ୍ସ ଭାବରେ ଜୈବ ସୁରକ୍ଷିତ ପୋଷକତତ୍ୱରେ ଭରପୁର ଫସଲକୁ ପ୍ରୋତ୍ସାହିତ କରିବା ପାଇଁ ମାର୍ଗଦର୍ଶିକା ବିକଶିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୁପୋଷଣ ଓ ରକ୍ତହୀନତା ଦ୍ୱାରା ପ୍ରଭାବିତ କେନ୍ଦୁଝର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଆଲୋଚନାକୁ ଭୁବନେଶ୍ୱରର ନାବାର୍ଡ ଆଂଚଳିକ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦାର ଉଦଘାଟନ କରି ନିଜ ଅଭିଭାଷଣରେ ସନ୍ତୁଳିତ ପୁଷ୍ଟିସାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସୁସ୍ଥ ଜୀବନଯାପନ ପାଇଁ ଲୋକମାନଙ୍କୁ ସେମାନଙ୍କ ଖାଦ୍ୟରେ ମିଠା ଆଳୁ ଭଳି ପୋଷକ ତତ୍ୱରେ ଭରପୁର ଖାଦ୍ୟ ସାମିଲ କରିବାକୁ ଅନୁରୋଧ କରିଥିଲେ । ଥିରୁବନନ୍ତପୁରମର ଭାରତୀୟ କୃଷି ଅନୁସନ୍ଧାନ ପରିଷଦ -କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଜି. ବାଇଜୁ ନିଜ ଅଭିଭାଷଣରେ ଓଡିଶାର ଆଦିବାସୀ ଅଂଚଳ, କେରଳ, ପଶ୍ଚିମବଙ୍ଗ ଏବଂ ଉତର-ପୂର୍ବ ରାଜ୍ୟଗୁଡ଼ିକରେ ଜୈବ ସୁଦୃଢ଼ କନ୍ଦ ଫସଲକୁ ପ୍ରୋତ୍ସାହିତ କରିବାରେ ଓଉଇଜ-ଉଞ୍ଚଉଜଓର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ପ୍ରତିଷ୍ଠାନ ଏପର୍ଯ୍ୟନ୍ତ ସାତଟି ଜୈବ ସୁଦୃଢ଼ କନ୍ଦ ପ୍ରକାର ପ୍ରକାଶ କରିଛି, ଯେଉଁଥିରେ ଭିଟାମିନ୍ ଏ, ଲୌହ ସାର, ଜିଙ୍କ, କ୍ୟାଲସିୟମ ଏବଂ ଆନ୍ଥୋସାୟାନିନ୍ ଭଳି ପ୍ରମୁଖ ସୂକ୍ଷ୍ମ ପୋଷକ ତତ୍ୱରେ ପରିପୁଷ୍ଟ କନ୍ଦମୂଳ ଅନ୍ତର୍ଭୁକ୍ତ। ଏହି ଅଧିବେଶନ ଗୁଡ଼ିକରେ ବିନୁ ଚେରିଆନ୍, ହାର୍ଭେଷ୍ଟପ୍ଲସ୍ ଇଣ୍ଡିଆ, ଡକ୍ଟର ସୌରଭ ଭଟ୍ଟାଚାର୍ଯ୍ୟ, ପୁଷ୍ଟିସାର ବିଶେଷଜ୍ଞ, ୟୁନିସେଫ୍ ଓଡ଼ିଶା, ଡକ୍ଟର ରଶ୍ମି ଆଭୁଲା, ଗବେଷଣା ଫେଲୋ, ଡକ୍ଟର ଶ୍ରୀନିବାସଲୁ ରାଜେନ୍ଦ୍ରନ୍, କୃଷି ଅର୍ଥନୀତିଜ୍ଞ, ଉଗାଣ୍ଡା, ଡକ୍ଟର କୃଷ୍ଣେନ୍ଦୁ ଚଟ୍ଟୋପାଧ୍ୟାୟ, ପ୍ରମୁଖ ବୈଜ୍ଞାନିକ, ଡକ୍ଟର ଗୋପାଳ ଚୌଧୁରୀ, ସହଯୋଗୀ ପ୍ରଫେସର, କିଟ ବିଶ୍ୱବିଦ୍ୟାଳୟ, ଡକ୍ଟର ଜୋସେଫ୍ ଜନ୍, ପ୍ରଫେସର, ଏମ୍ସ ଭୁବନେଶ୍ୱର, ଡକ୍ଟର ଇ. ଭେଙ୍କଟ ରାଓ, ପ୍ରଫେସର, ସମ ହସ୍ପିଟାଲ, ଭୁବନେଶ୍ୱର, ଡକ୍ଟର ଚନ୍ଦନ ଗୋସ୍ୱାମୀ, ପ୍ରଫେସର, ନାଇଜର, ସୋମେନ୍ଦ୍ର ପାଣିଗ୍ରାହୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, କେନ୍ଦୁଝର ପ୍ରମୁଖ ଯୋଗ ଦେଇ ନିଜ ବହୁମୂଲ୍ୟ ମତ ଦେଇଥିଲେ । କ୍ଷୁଧା ଓ ପୋଷକତତ୍ୱର ଚାହିଦା ମେଣ୍ଟାଇବାକୁ ସକ୍ଷମ ଥିବା ସତ୍ତ୍ୱେ ଜୈବସୁରକ୍ଷିତ ଫସଲ କିସମର ପ୍ରଚାର ଏବଂ ଗ୍ରହଣୀୟତା ସୀମିତ ରହିଛି । ମୁଖ୍ୟଧାରାର କୃଷି ଏବଂ ଜନସ୍ୱାସ୍ଥ୍ୟ ରଣନୀତିରେ ପୋଷକତତ୍ୱରେ ଭରପୁର ଫସଲକୁ ଏକୀକୃତ କରିବା ପାଇଁ ସ୍କେଲେବଲ୍ ମଡେଲ୍ ଏବଂ ବହୁ-କ୍ଷେତ୍ରୀୟ ସହଯୋଗର ଆବଶ୍ୟକତା ଉପରେ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା ।

# ଚମ୍ପୁଆ ଏନଏସି ପକ୍ଷରୁ ଫାଷ୍ଟଫୁଡ ଦୋକାନ ଉପରେ ଚଢ଼ାଉ : ସ୍ୱଚ୍ଛତା ରକ୍ଷା ପାଇଁ କଡ଼ା ନିର୍ଦ୍ଦେଶ

ଚମ୍ପୁଆ, ୧୯/୬ (ନି.ପ୍ର): ରାଜ୍ୟର କିଛି ଜିଲ୍ଲାରେ ଝାଡ଼ାବାନ୍ତି ସାଙ୍ଘାତିକ ସ୍ଥିତି ସୃଷ୍ଟି କରିଛି । ଏଥି ପାଇଁ ସରକାରଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଷେଧ ମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆଜି ଚମ୍ପୁଆ ବଜାର ର ହୋଟେଲ , ଜଳଖିଆ ଦୋକାନ , ଫାଷ୍ଟ ଫୁଡ୍ ଦୋକାନ ଗୁଡ଼ିକ ଉପରେ ଚଢ଼ାଉ କରାଯାଇଛି । ବାସି ଖାଦ୍ୟ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପଦାର୍ଥ ବିକ୍ରି କରୁଥିବା ଦୋକାନୀ ମାନଙ୍କୁ ପରିଷଦ ତରଫରୁ କଡ଼ା ତାଗିଦ୍ କରାଯାଇଛି । ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୋକାନୀ ମାନଙ୍କୁ ସ୍ୱଚ୍ଛତା ରକ୍ଷା କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ କିଛି ହୋଟେଲ ଗୁଡ଼ିକ ରେ ବାସୀ ଖାଦ୍ୟ ବିକ୍ରି ବିକ୍ରି ହେଉଥିବା ନେଇ ପରିଷଦ ନଜର କୁ ଆସିଥିଲା । ସେଗୁଡିକୁ ନଷ୍ଟ କରାଯିବା ସହ ଆଗାମୀ ଦିନରେ କୌଣସି ଦୋକାନୀ ବାସୀ ଖାଦ୍ୟ ବିକ୍ରି କଲେ ସେମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଜୋରିମାନା କରାଯିବା ନେଇ ପରିଷଦର ସାନିଟେସନ ଇନଚାର୍ଜ ବିଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି । ଆଗାମୀ ଦିନରେ ପରିଷଦ ପକ୍ଷରୁ ନିୟମିତ ଭାବେ ଚଢାଉ ଜାରୀ ରହିବ ବୋଲି କହିଛନ୍ତି । ଆଜିର ଚଢ଼ାଉରେ ସାନିଟେସନ୍ ଏକ୍ସପୋର୍ଟ ଏସ କେ ଶାହାବାଜ୍ , ସିଏମଏମ ଅନନ୍ତ ଚରଣ ସାହୁଙ୍କ ସମେତ ସ୍ୱଚ୍ଛ ସାଥୀ, ସୁପର ଭାଇଜର ଓ ପରିଷଦ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

## ଦେଶୀମଦ ଚାଲାଣ ବେଳେ ଚଢାଉ: ୨ ଗିରଫ

ଜୟପୁର, ୧୯/୬ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଦୁଇ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଦାମାପୁଟ ଗ୍ରାମର ବିଦ୍ୟା ହରିଜନ (୨୬) ଏକଟାଗୁଡାର ଭଗବାନ କୁଳଦିପ (୩୧) । ସୁଚନା ଅନୁଯାଇ ଦେଶି ମଦ ଚାଲାଣ ହେଉଥିବା ସୁଚନା ପାଇ ଦାମାପୁଟ ଓ ଏକଟାଗୁଡାରେ ଚଢାଉ କରିଥିଲା । ଚଢାଉ କରି ୨୯ ଲିଟର ଦେଶି ମଦ ଜବତ କରି ଦୁଇ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ କୁ ଆଜି ଅପରାହ୍ନ ୨ଟାରେ କୋର୍ଟ ଚାଲାଣ କରିଥିବା ବିଷୟ ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହରିଣ ସୁଚନା ଦେଇଛନ୍ତି ।

# ବନ ଓ ବନ୍ୟ ପ୍ରାଣୀ ସୁରକ୍ଷାର ଆବଶ୍ୟକତା ଶୀର୍ଷକ ଆଲୋଚନା ଚକ୍ର

ସମ୍ବଲପୁର, ୧୯/୬ (ନି.ପ୍ର): ଜିଲ୍ଲାର କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବାଉରୀଗୋଡ଼ା ପଞ୍ଚାୟତ ବିଗତ ବର୍ଷ ପ୍ରକୃତି ମିତ୍ର ପୁରସ୍କାର ପ୍ରାପ୍ତ ହୋଇଥିବାରୁ ସ୍ଥାନୀୟ ଲୋକ ପ୍ରତିନିଧି ତଥା ସାମାଜିକ କର୍ମୀ ଙ୍କ ସହାୟତାରେ ଆଜି ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ଫଳ ଚାରା ପ୍ରାୟ ପଚାଶ ଗୋଟି ଲଗା ଯାଇଥିବା ଜଣା ଯାଇଛି । ସ୍ଥାନୀୟ ସରପଞ୍ଚ ଗୋବର୍ଦ୍ଧନ ବାଘଙ୍କ ଜନ୍ମ ଦିନ ଅବସରରେ ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକଙ୍କ ପରିଚାଳନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସରପଞ୍ଚ ଶ୍ରୀ ବାଘ ,ପୂର୍ବତନ ସରପଂଚ ବିନୋଦ ବାଗ,ସମିତି ସଭ୍ୟ ପରେଶ୍ ପଟେଲ, ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟେଲ , ଶେଖର ବନମାଳୀ ନମଦେଓ, ହାଇ ସ୍କୁଲର ବରିଷ୍ଠ ଶିକ୍ଷକ ଘନଶ୍ୟାମ ସାହୁ,ଆଶା ଦ୍ୱୟ ସୌକିନି ଶୁନାନୀ, ଗୋଦାବରି କର୍ସେଲ୍, ପ୍ରଶାନ୍ତ ପୃଷେଟ୍ , ସନାତନ ସାହୁ, କୃପିନ୍ଦୁ ସାହୁ, ସଦାଶିବ ଭୋଇ, କୀର୍ତ୍ତି ନନ୍ଦ ରକ୍ସା, ବ୍ରଜ ମୋହନ କେଛୁ, ସାବିତ୍ରୀ ସୁନାନୀ ପ୍ରମୁଖ ବର୍ଷା ରେ ଭିଜି ଭିଜି ଅଂଶ ଗ୍ରହଣ କରିଥିଲେ ।ଏହା ପରେ ଗ୍ରାମ ପଞ୍ଚାୟତର ରାଜୀବ ଭବନ ପରିସରରେ ଆୟୋଜିତ' ବନ ଓ ବନ୍ୟ ପ୍ରାଣୀରର ସୁରକ୍ଷାର ଆବଶ୍ୟକତା 'ଶୀର୍ଷକ ଆଲୋଚନା ଚକ୍ରରେ ସରପଞ୍ଚ ଗୋବର୍ଦ୍ଧନ ବାଘ ସଭାପତିତ୍ୱ କରିଥିବା ବେଳେ ହିନ୍ଦୀ ଶିକ୍ଷକ ଘନ ଶ୍ୟାମ ସାହୁ ସଂଯୋଜନା କରିଥିଲେ ।ତିନି ଥର ପ୍ରକୃତି ବନ୍ଧୁ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ସମ୍ମାନ ରେ ସମ୍ମାନିତ ବିଶିଷ୍ଟ ପରିବେଶବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଭୟ ବନ ଓ ବନ୍ୟ ପ୍ରାଣୀ ର ସୁରକ୍ଷା ହିଁ ଆଜିର ଆହ୍ୱାନ ବୋଲି କହିଥିଲେ ।ସମିତି ସଭ୍ୟ ପରେଶ୍ ପଟେଲ ,କବି ବନମାଳୀ ନମାଦେଓ ଓ ଶିକ୍ଷୟିତ୍ରୀ ସବିତା ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବନ ଓ ବନ୍ୟ ପ୍ରାଣୀ ସୁରକ୍ଷା ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ନାୟକଙ୍କ ସହ ତାଙ୍କ ଧର୍ମ ପତ୍ନୀ ଶିକ୍ଷୟିତ୍ରୀ ପଙ୍କଜିନି ନାୟକ ଚଳିତ ବର୍ଷର ପ୍ରକୃତି ବନ୍ଧୁ ପୁରସ୍କାର ପାଇବାକୁ ଘୋଷିତ ହୋଇଥିବାରୁ ଗ୍ରାମ ପଞ୍ଚାୟତ ପକ୍ଷରୁ ମିଳିତ ଭାବରେ ' ବନ ଓ ବନ୍ୟପ୍ରାଣୀ ବନ୍ଧୁ ଦମ୍ପତି 'ସମ୍ମାନ ପ୍ରଦାନ କରା ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସଦାଶିବ ଭୋଇ ଙ୍କୁ ଜୈବିକ କୃଷି,ବ୍ରଜରାଜ କିସାନ ଙ୍କୁ ରାସ୍ତା ନିର୍ମାଣ, କୀର୍ତ୍ତି ନନ୍ଦ ରକ୍ସା ଙ୍କୁ ପାନୀୟ ଜଳ ଯୋଗାଣ, ତଥା ଆକାଶ ବେହେରା, ଜାନୁ କୁମାର ନାଏକ, ନବୀନ ନାଏକ, କାର୍ତ୍ତିକ ନାଏକ, ବନମାଳୀ ନମଦେଓ ଓ ଭୁଲୁପଡ଼ା ବଜାର କମିଟି କୁ ତାଙ୍କ ମହନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା । ଏହି ଗ୍ରାମ ପଞ୍ଚାୟତର ସଭିଏଁ ନିଜ ଜନ୍ମଦିନରେ ଚାରା ରୋପଣ ସହ ତାକୁ ବଞ୍ଚାଇ ରଖି ଅଞ୍ଚଳକୁ ସବୁଜ ସୁନ୍ଦର କରିବାକୁ ଉପସ୍ଥିତ ଗ୍ରାମ ପଞ୍ଚାୟତ ବାସି ଙ୍କୁ ମୁଖ୍ୟ ଅତିଥି ଶ୍ରୀ ନାୟକ ଶପଥ ପାଠ କରାଇଥିଲେ ।ଶେଷରେ ପୂର୍ବତନ ସରପଞ୍ଚ ବିନୋଦ ବାଘ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଓ ପଦଯାତ୍ରା ଶୁଭାରମ୍ଭ

କନ୍ଧମାଳ, ୧୯/୬ (ନି.ପ୍ର): ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଅନୁକୁଲ୍ୟରେ ଜିଲ୍ଲା ପ୍ରଶାସନ ଏବଂ କନ୍ଧମାଳ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ବୁଧବାର ଅଧକ୍ଷ୍ୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲ୍ଲାପାଳ କନ୍ଧମାଳଙ୍କ ନିର୍ଦ୍ଦେଶ କ୍ରମେ ଏକ ସଚେତନତା ପଦଯାତ୍ରା ଓ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଅଛି । ଏହି ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସକାଳ ୯.୩୦ ଘ. ସମୟରେ ବାହାରି ମାଦିକୁଣ୍ଡା ଛକ ନିକଟରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ଜେନା , ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ (ଭାରପ୍ରାପ୍ତ), ଶ୍ରୀ ବିଶ୍ୱ ରଞ୍ଜନ କହଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଚେତନତା ପଦଯାତ୍ରାରେ ବିଜୁ ଦକ୍ଷତା ବିକାଶ କେନ୍ଦ୍ର ଫୁଲବାଣୀର ଛାତ୍ର ଛାତ୍ରୀ, ଅଙ୍ଗନବାଡି କର୍ମୀ, ଶ୍ରମିକ ସଂଗଠନର କର୍ମକର୍ତ୍ତା, ସମାଜ ସେବୀ ଏବଂ ଜନ ସାଧାରଣ ଏଥିରେ ଭାଗ ନେଇଥିଲେ । ଅଧିକ୍ଷକ ଅବକାରୀ ବିଭାଗ, କନ୍ଧମାଳ, ଜିଲ୍ଲା ଶିଶୁ ସୁରକ୍ଷ୍ୟା ଅଧିକାରୀ, ସଦସ୍ୟ ଶିଶୁ କଲ୍ୟାଣ କମିଟି, ଚାଇଲଡ ହେଲ୍ପ ଲାଇନ, ସହକାରୀ ଶ୍ରମ ଅଧିକାରୀ, ଶ୍ରୀ ବିଭୁ ପ୍ରସାଦ ସ୍ୱାଇଁ, ସ୍ମିନିତା କୁମାରୀ ଦେବୀ ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଏହି ସଚେତନତା ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଜନ ସାଧାରଣ ଓ ବାଣିଜ୍ୟ ପ୍ରତିଷ୍ଠାନର ସତ୍ତ୍ୱାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି । ଉକ୍ତ ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରାରେ ସମସ୍ତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ଜିଲ୍ଲାକୁ କିଭଳି ଶିଶୁ ଶ୍ରମିକ ମୁକ୍ତ କରାଯାଇପାରିବ ତଥା ଶିଶୁ ମାନଙ୍କର ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିୟୋଜନରେ ଦଣ୍ଡବିଧାନର ପ୍ରାବଧାନ ସମ୍ପର୍କରେ ସର୍ବ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରଯାଇଥିଲା ।

# ଅମୃତିଆ ପାଣିକୋଇଲି ରାସ୍ତା ପାଲଟିଛି ଚୋରା ବାଲି ଚାଲାଣର ଗଳାବାଟ

କୋରେଇ, ୧୯/୬ (ନି.ପ୍ର): କୋରାଇ ବ୍ଲକରେ ବେଆଇନ ବାଲି ଚାଲାଣ ଯୋଗୁଁ ରାଜ୍ୟ ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବା ବେଳେ ବାଲି ମାଫିଆ ମାଲାମାଲ ହେଉଛନ୍ତି । କିନ୍ତୁ ବାଲି ଚୋରା ଚାଲାଣ ଥମିବାର ନାଁ ଧରୁନାହିଁ । ଏପରିକି ଦୈନିକ ହଜାର ହଜାର ଟ୍ରିପ ଭାରୀ ଯାନ ଯୋଗେଁ ବାଲି ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ଏହା ଉପରେ ରୋକ ଲାଗାଇ ପାରୁନାହିଁ । ବରୁଣ୍ଡାଇ – ସଠିପୁର ରାସ୍ତା ଦେଇ ବାଲି ଚାଲାଣ ହେଉଥିବା ବେଳେ ବାଲି ଚାଲାଣର ଯାତାୟତ ସମୟ ସ୍ଥିର ହୋଇଥିବାରୁ ଗଳାବାଟ ଦେଇ ବାଲି ଗାଡି ଯାତାୟତ କରୁଛି । ଏହାର ସୁଯୋଗ ଉଣ୍ଡି ବାଲି ଗାଡି ଗୁଡିକ ଅମୃତିଆ ଭାୟା ବର୍ତ୍ତମଣା ଦେଇ ପାଣିକୋଇଲି ରଗଡି ରାସ୍ତା ଦେଇ ବାଲି ଚୋରା ଚାଲାଣ କରୁଛନ୍ତି । ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ବା ପ୍ରଧାନମନ୍ତ୍ରୀ ସଡକ ଯୋଜନା ଅର୍ନ୍ତଭୁକ୍ତ ହୋଇଥିବା ବେଳେ ରାସ୍ତା କଡ଼ରେ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଅବସ୍ଥିତ । ଏତଦ ବ୍ୟତୀତ ଅମୃତିଆ, ବର୍ତ୍ତମଣ. ଖୋସାଲପୁର ଆଦି ଗ୍ରାମ ଗୁଡ଼ିକରୁ ପ୍ରତିଦିନ ଛାତ୍ର ଛାତ୍ରୀ ମାନେ ପାଣିକୋଇଲି ହାଇସ୍କୁଲ ଓ ମା ତାରିଣୀ ମହାବିଦ୍ୟାଳୟକୁ ଅଧ୍ୟୟନ ରୁପେ ଆସନ୍ତି । କିନ୍ତୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭାରୀ ଯାନ ଯୋଗେଁ ଚୋରା ବାଲି ଚାଲାଣ ହେତୁ ଉକ୍ତ ରାସ୍ତାଟି ଫାଟି ଆଁ ହୋଇ ଯିବା ସହିତ କୋମଳ ମତି ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ନିମନ୍ତେ ମରଣ ଯନ୍ତା ପାଲଟିଛି । ଗତ କିଛି ଦିନ ତଳେ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ବାଲି ବୋଝେଇ ହାଇୱା ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ବର୍ତମଣା ଗ୍ରାମର ଅନତୀ ଦୁରରେ ହାଇୱା ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିବା ସହିତ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଥିଲେ । ହେଲେ ରାସ୍ତା କଡରେ ଅବସ୍ଥିତ ଗ୍ରାମ ଗୁଡିକର କିଛି ଯୁବକ ଚାନ୍ଦା ଆଦାୟ ପାଇଁ ରାସ୍ତାରେ ବାଲି ଗାଡି ଚଳାଚଳକୁ ବିରୋଧ କରିବା ପରିବର୍ତ୍ତେ ପ୍ରୋତ୍ସାହନ ଦେଉଥିବା ଦେଖାଯାଉଛି । ରାସ୍ତା ପଛେ ଭାଂଗୁ କିନ୍ତୁ ନିଜ ପକେଟ ଗରମ ହେଉ ନ୍ୟାୟରେ ସବୁ କିଛି ଚାଲିଛି । ତେବେ ଚୋରା ବାଲି ମାଫିଆ ମାନଙ୍କ ଦୌରାତ୍ମ୍ୟରୁ ଉକ୍ତ ରାସ୍ତାକୁ ମୁକ୍ତ କରିବା ନିମନ୍ତେ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି ।

# ସୁବର୍ଣ୍ଣ ସମ୍ପର୍କ ଓ ଛବିବାଳା ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ସମ୍ମାନ କାର୍ଯ୍ୟକ୍ରମ

ବାଲିଆପାଳ , ୧୯/୬ (ନି.ପ୍ର): ଜୀବନରେ ସଫଳ ହେବା ପାଇଁ ୪ଟି ଦିଗ ସକାରତ୍ମକ ଚିନ୍ତାଧାରା, ଦୃଢ ଇଚ୍ଛାଶକ୍ତି,କଠିନ ପରିଶ୍ରମ ଓ ଇଶ୍ୱର ବିଶ୍ୱାସ ପ୍ରତି ଯତ୍ନଶୀଳ ହେଲେ ସଫଳତା ଆମର ପାଦ ସ୍ପର୍ଶ କରିବ । ମା ମାଟି ମନସ୍କ ହୋଇ ପିତା ମାତାଙ୍କୁ ଭକ୍ତି କଲେ ଜଗତ ଜିତା ହୋଇପାରିବ ବୋଲି ଆଜି ବାଲିଆପାଳ ବ୍ଲକଛକସ୍ଥିତ ଶୁଭମ ଗେଷ୍ଟହାଉସ ପରିସରରେ ଛବିବାଳା ଟ୍ରଷ୍ଟ ଏବଂ ସୁବର୍ଣ୍ଣ ସମ୍ପର୍କ ପକ୍ଷରୁ ଅନୁଷ୍ଠିତ ଛବିବାଳା ମେଧାବୃ ସମ୍ମାନ କାର ?ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବସ୍ତା ବିଧାୟିକା ସୁବାସିନୀ ଜେନା ମତବ୍ୟକ୍ତ କରିଛନ୍ତି । ଏହ ଅବସରରେ ଶ୍ରୀମତୀ ଜେନା ଛାତ୍ର ଚାତ୍ରୀ ଙ୍କୁ ବଡ ମଣିଷ ହେବା ସଙ୍ଗେ ସ ଙ୍ଗେ ନିଜକୁ ସମାଜରେ ଜଣେ ଜଣେ ଭଲ ମଣୀଷ କରି ଗଢି ତୋଳୀବାକୁ ଆହ୍ୱାନ ଦେଇଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ ସୁବର୍ଣ୍ଣ ସମ୍ପର୍କର ସଭାପତି ପ୍ରଫେସର ଡକ୍ଟର ମୃତ୍ୟୁଞ୍ଜୟ ପଣ୍ଡା ସ୍ୱାଗତ ଅଭିଭାଷଣ ପୂର୍ବକ ସୁବର୍ଣ୍ଣ ସମ୍ପର୍କର ଗଠନ ଏବଂ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସୁବର୍ଣ୍ଣ ସମ୍ପର୍କର ସଂଯୋଜକ ସମାଜସେବୀ ସଞ୍ଜୟ କୁମାର ପାତ୍ରଙ୍କ ସଂଯୋଜନା କରି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇ ଏହି ଟ୍ରଷ୍ଟ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡା ବ୍ରଜରାଜ ଦାସ ଙ୍କ ଦିବଙ୍ଗତ ମାତା ସ୍ୱର୍ଗତାଃ ଛବିବାଳା ଦାସଙ୍କ ସ୍ମୃତିରେ ଗଠନ କରାଯାଇ ଗରିବ ଓ ମେଧାବୀ ଛାତ୍ର ଙ୍କୁ ଉଚ୍ଚ ର ଶିକ୍ଷାପାଇଁ ସହାୟତା ପ୍ରଦାନ ସାଙ୍ଗକୁ କୃତି ଛାତ୍ର ଓ ଶିକ୍ଷକଙ୍କୁ




ସମ୍ବର୍ଦ୍ଧିତ କରିବା ଲକ୍ଷ୍ୟରଖି କାର୍ଯ୍ୟ କରିଆସୁଥିବା ବର୍ଣ୍ଣନା କରିଥିଲେ ।ଏହି ଅବସରରେ ଶ୍ରୀ ପାତ୍ର ଉଦବୋଧନ ଦେଇ ଆଜିର ସମାଜରେ ସୁନ୍ଦର ସୁନ୍ଦର ସନ୍ତାନର ଅଭାବ ରହିଥିବା ବେଳେ ଯାହାକୁ ଜଣେ ମା ହିଁ ପୂରଣ କରିପାରିବ ବୋଲି କହିଥିଲେ । ମା ଠାରୁ କୌଣସି ଶକ୍ତି ନାହିଁ । ଛାତ୍ର ଛାତ୍ରୀ ନିଜ ନିଜ ଭିତରେ ମାତୃଭକ୍ତି ଅତୁଟ ରଖିବା ସହ ଇଶ୍ୱର ବିଶ୍ୱାସୀ ହେବା ପାଇଁ ଉଦବୋଧନ ଦେଇଥିଲେ । ଛବିବାଳା ଟ୍ରଷ୍ଟ ର ଅଧ୍ୟକ୍ଷ ତଥା ଆପୋଲୋ ହସ୍ପିଟାଲର ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡ. ବ୍ରଜରାଜ ଦାସ ଯୋଗଦେଇ ସଫଳତାର ଶୀର୍ଷରେ ପହଂଚିବା ପାଇଁ ମନୁଷ୍ୟର ଲକ୍ଷ ଏବଂ ଦୃଢପ୍ରତିବଦ୍ଧତା ଜରୁରୀ । ଦୃଢ ପ୍ରତିଜ୍ଞ ବ୍ୟକ୍ତି ଓ ନିମ୍ନଗାମୀ ସ୍ରୋତର କେହି ଅବରୋଧ କରିପାରେ ନାହିଁ ବୋଲି ନିଜ ଅଭିଭାଷଣ ରଖିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଇଂ ହୃଷିକେଶ ସାହୁ,ଇଂ ଅଚ୍ୟୁତାନନ୍ଦ ଦାସ,ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ,ସୁବର୍ଣ୍ଣ ସମ୍ପର୍କ ର ସଂଯୋଜକ ଇଂ ବିଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବାଲିଆପାଳରେ ମେଟ୍ରିକରେ ୯୦ ଶତକଡାରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ୫୯ ଛାତଛାତ୍ରୀ ବ୍ଲକ ଟପର ଓ ସେମାନଙ୍କର ପ୍ରଧାନ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧୀତ କରାଯାଇଥିଲା । ସେହିପରି ସୁବର୍ଣ୍ଣ ସମ୍ପର୍କ ପରିବାରର ପକ୍ଷରୁ ସମସ୍ତ ଅତିଥି ମାନଙ୍କୁ ସମର୍ଦ୍ଧୀତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ବାଦ ସାହିତ୍ୟଘର ସଭାପତି ଝାଡେଶ୍ୱର ପ୍ରଧାନ,ବାଘାଯତୀନ ସ୍ମୃତିପରିଷର ଆବାହକ ଅରବିନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଡ. ଗୟାରାମ ଗଙ୍ଗାଇ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସାମ୍ବାଦିକ ପ୍ରତାପ ପାତ୍ର ବ୍ୟୋମକେଶ ସାହୁ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ଉମାକାନ୍ତ ନାୟକ, ନଳିନୀକାନ୍ତ ପାଢୀ ,ପଙ୍କଜ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ଚୋରା ବାଲି ଚାଲାଣର ହାଇୱା ଚାଳକ ଅଦାଲତ ଚାଲାଣ

କୋରେଇ, ୧୯/୬ (ନି.ପ୍ର): ବୈତରଣୀ ନଦୀରୁ ପ୍ରତିଦିନ ହଜାର ହଜାର ଟ୍ରିପ ଚୋରା ବାଲି ହାଇୱା ମାଧ୍ୟମରେ ଜିଲ୍ଲା ତଥା ଜିଲ୍ଲାବାହାରକୁ ଚାଲାଣ ହେଉଥିବା ବେଳେ ରାଜ୍ୟ ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇଛନ୍ତି । ତେବେ ଯାଜପୁର ଜିଲ୍ଲା ଖଣି ଉପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଜୁନିୟର ଖଣି ଅଧିକାରୀ ସିତେଶ କୁମାର ନାୟକ ପାଣିକୋଇଲି ବଜାର ଉପରେ ଚଢାଉ କରି ଏକ ଚୋରା ବାଲି ବୋଝେଇ ହାଇୱା (ଓଡ଼ି ୦୪ଏନ୭୭୩୨)କୁ ଜବତ କରିଥିଲେ । ଉକ୍ତ ଗାଡ଼ିର ମାଲିକ ଏ ନେଇ କୌଣସି ଜୋରିମାନା ଦେବାକୁ ମନା କରିବାରୁ ଶ୍ରୀ ନାୟକ ଏ ନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ଫଳରେ ପୁଲିସ ଏକ ମାମଲା ୧୫୦/୨୫ ରଜୁ କରି ଗାଡ଼ିକୁ ଜବତ କରିବା ସହିତ ଚାଳକ କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ବିଷ୍ଣୁପୁର ବନ୍ଧ ଗ୍ରାମର ମନୋଜ କୁମାର ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାର ଏଏସଆଇ ସୁମିତ କୁମାର କୁଜୁର ଜଣାଇଛନ୍ତି ।

# ଆରୁହା ପଞ୍ଚାୟତରେ ରାଜ୍ୟ ସରକାରଙ୍କ ବିକାଶ ବାହନ ରଥକୁ ସ୍ୱାଗତ କଲେ ପଞ୍ଚାୟତବାସୀ

ଜଳେଶ୍ୱର,୧୯/୬: କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓଡିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ଦେଶ ଓ ରାଜ୍ୟରେ ବିକାଶ ବାହନ ରଥ ଗଡିବା ଆରମ୍ଭ କରିଥିବା ବେଳେ ଆଜି ୧୯ ତାରିଖ ଗୁରୁବାର ଦିବା ୧୧ ଘଟିକା ସମୟରେ ଜଳେଶ୍ୱର ବ୍ଲକର ଆରୁହା ପଞ୍ଚାୟତ ପକ୍ଷରୁ ବିକାଶ ରଥକୁ ବିଶାଳ ଶୋଭାଯାତ୍ରାରେ ପାଛୋଟି ନେଇ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।ପରେ ପଂଚାୟତ ଅଫିସ ଠାରେ ସରପଞ୍ଚ ତପନୀ ଭୂୟାଁ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମାଜସେବୀ ପ୍ରଦୀପ କୁମାର ମହାନ୍ତିଙ୍କ ପରିଚାଳନାରେ ସଭାକାର୍ଯ୍ୟ ସହିତ ଏଲଇଡି ମାଧ୍ୟମରେ ବିକାଶର ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା ।ଆୟୋଜିତ ସଭାରେ ପଞ୍ଚାୟତ ସମିତି ସଭ୍ୟା ମଧୁମିତା ମାହାନ୍ତି, ବ୍ଲକ



ସାମାଜିକ ସୁରକ୍ଷା ଅଧିକାରିଣୀ ତଥା ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଣୀ ସଲିମା ରାଉତ ପ୍ରାକ୍ତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର,ପ୍ରାକ୍ତନ ସରପଞ୍ଚ ପ୍ରମିଳା ସାମଲ,ସମାଜ ସେବୀ ଶ୍ରୀକଣ୍ଠ ମାହାନ୍ତି, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଜଳେଶ୍ୱର ଶାଖାର ପରିଚାଳକ ସତ୍ୟରଞ୍ଜନ ନନ୍ଦ, ବ୍ୟାଙ୍କ କ୍ଷେତ୍ର କର୍ମଚାରୀ ଅମରେନ୍ଦ୍ର ଦାସ,ପଞ୍ଚାୟତ ନିର୍ବାହୀ ଅଧିକାରୀ ଶଙ୍କର ନାରାୟଣ ସାହୁ,ଏଡିଇଓ୍ୱିନୋଦ କୁମାର ବେହେରା, କୃଷି କର୍ମଚାରୀ ବିରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗ ଦେଇ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା,ଅନ୍ତ୍ୟୋଦୟ ଗୃହ ନିର୍ମାଣ କାର୍ଯ୍ୟାଦେଶ,ଖାଦ୍ୟ ସୁରକ୍ଷା କାର୍ଡ, ନିର୍ମାଣ ଶ୍ରମିକ କାର୍ଡ,ଜବ୍ କାର୍ଡ,ଆୟୁଷ୍ମାନ ସ୍ୱାସ୍ଥ୍ୟ କାଡ୍ ଆଦି ବଣ୍ଟନ କରିଥିଲେ ।ଏକ ବର୍ଷର ମୋହନ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା, ଉପଲବ୍ଧି, ପ ।ରଦର୍ଶୀତା, ଭବିଷ୍ୟତ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଅବଗତ କରା ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ବରୁଣ କୁମାର ଜେନା,ସାମ୍ବାଦିକ ମନୋଜ କୁମାର ଭୂୟାଁ,ବାବୀ ପଣ୍ଡା,ଅକ୍ଷୟ କୁମାର ବେହେରା,କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ସହିତ ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟା, କୃଷିକ ସାଥୀ,ପଂଚାୟତ ଏମବିକେ, ଆଶା କର୍ମୀ, ଅଙ୍ଗନବାଡି ଶିକ୍ଷୟିତ୍ରୀ ,ସ୍ୱୟଂ ସହାୟକ ମହିଳା ଏବଂ ଅନ୍ୟାନ୍ୟ ପଞ୍ଚାୟତ ବାସି ସହ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଲୋକେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଉଦଳାରେ ଗଡ଼ିଲା ବିକାଶ ରଥ

## କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଇବା ମୁଖ୍ୟ ଉଦେଶ୍ୟ : ନଗରପାଳ



ଉଦଳା , ୧୯/୬ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ଉଦେଶ୍ୟ ନେଇ ଉଦଳା ସହରରେ ଆଜି ଜୁନ ୧୯ ତାରିଖ ଗୁରୁବାର ଠାରୁ 'ବିକାଶ ରଥ' ବିଭିନ୍ନ ୱାର୍ଡ଼ ପରିକ୍ରମା କରିବାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିପାଇଁ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଏହାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରି ଯୋଜନା ଗୁଡ଼ିକର ସଫଳ ରୂପାୟନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ନଗରପାଳ ପ୍ରମିଳା ପଣ୍ଡା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଯଥା – ସୁଜଳ ଯୋଜନା, ମଧୁବାବୁ ପେନସନ ଯୋଜନା, ଏକକ ଦିବ୍ୟାଙ୍ଗ ପରିଚୟ ପତ୍ର, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ଗାରିମା, ସୁକନ୍ୟା ସମୃଦ୍ଧି ଯୋଜନା, ଶ୍ରମିକ କଲ୍ୟାଣ ବୋର୍ଡ଼, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ସୁଭଦ୍ରା, ପ୍ରଧାନମନ୍ତ୍ରୀ ସୁରକ୍ଷା ବିମା ଯୋଜନା ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଯୋଗ୍ୟ ହିତାଧିକାରୀ ମାନେ ଯୋଜନା ଗୁଡ଼ିକର ଫାଇଦା ଉଠାଇବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତଚନ୍ଦ୍ର ଦାସ, ପ୍ରଭାତ ପରିଡ଼ା, ବିଭୁତି ମହାନ୍ତ, ଶୁଭଦୀପ ମହାନ୍ତି ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଆସନ୍ତା ୨୧ ତାରିଖ ଶନିବାର ଦିନ ବିକାଶ ରଥ ପରିକ୍ରମା କାର୍ଯ୍ୟକ୍ରମର ଯବନିକା ପଡ଼ିବ ବୋଲି ଜଣାଇଥିଲେ । ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ସଂଜୟ କୁମାର ପାଢ଼ି, ସୌଦାମିନି ମହାପାତ୍ର, ଦୀପିକା ବେହେରା, ମହେନ୍ଦ୍ର ବେହେରା, ପ୍ରତିଶ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ ।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୦ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 20 JUNE 2025

Vol.No. 36 ■ No.161 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଆଜି ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୧୯/୬ (ନି.ପ୍ର): ଆସନ୍ତାକାଲି ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡ଼ିଶାବାସୀଙ୍କ ପାଖରେ ମୋହନ ସରକାର ଏବଂ କେନ୍ଦ୍ର ସରକାରଙ୍କ ଉପଲବ୍ଧି ରଖିବେ । ଏହାସହ ପ୍ରାୟ ୧୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା ସହ କିଛି ଯୋଜନାର ବି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ । ଡବଲ ଇଞ୍ଜିନ୍ ସରକାରଙ୍କ ରିପୋର୍ଟ କାର୍ଡ ରଖିବାକୁ ଆସନ୍ତାକାଲି ଓଡ଼ିଶା ଆସୁଛନ୍ତି ପିଏମ୍ ମୋଦି । ପ୍ରସ୍ତୁତ ଜନତା ମୈଦାନ, ଉତ୍ସାହିତ ବିଜେପି କ୍ୟାମ୍ପ । ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇ ମୋଦି ଖୋଲିବେ ବିକାଶର ପେଡି । ୧୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ଏହି ଅବସରରେ ଅନେକ ସରକାରୀ କାର୍ଯ୍ୟକ୍ରମର ବି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ । ବୟୋବନ୍ଦନ ଯୋଜନାରେ ବରିଷ୍ଠ ନାଗରିକଙ୍କୁ ବାଣ୍ଟିବେ ଆୟୁଷ୍ମାନ କାର୍ଡ । ମୁଖ୍ୟମନ୍ତ୍ରୀ ଅନ୍ତୋଦ୍ୟୟ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ଦେବେ କାର୍ଯ୍ୟାଦେଶ । ବର୍ଷକରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସକ୍ଷମ ହୋଇଥିବାରୁ ରାଜ୍ୟର ଲକ୍ଷପତି ଦିଦିଙ୍କ ସହ ବି କଥା ହେବେ ପ୍ରଧାନମନ୍ତ୍ରୀ । ୧୨୩ କୋଟି ବ୍ୟୟରେ ନିର୍ମାଣ ହେବାକୁ ଥିବା ଭଦ୍ରକର ନୂଆ ଜିଲ୍ଲା କାରାଗାରର ଶିଳାନ୍ୟାସ କରିବେ । ୧୦୦ଟି ଇ-ବସର ମଧ କରିବେ ଶୁଭାରମ୍ଭ । ସବୁଠୁ ବଡ କଥା ହେଲା ମୋହନ ସରକାରଙ୍କ ଭିଜନ ଓଡିଶା ୨୦୩୬ ଡକ୍ୟୁମେଣ୍ଟର କରିବେ ଲୋକାର୍ପଣ । ଯେଉଁଥିରେ ରହିଛି ୨୦୩୬ ସୁଦ୍ଧା ଓଡିଶାକୁ ବିକଶିତ କରିବାର ନକ୍ସା । ଏପଟେ ମୋଦିଙ୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ଜନତା ମୈଦାନ । ଆଜି ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେଠାରେ ପହଞ୍ଚି କରିଥିଲେ ପ୍ରସ୍ତୁତିର ସମୀକ୍ଷା । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏବଂ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜିଙ୍କ ଉପସ୍ଥିତିରେ ସମୀକ୍ଷା କରିଛନ୍ତି ସିଏମ୍ ।

▶▶ପୃଷ୍ଠା ୭

# ରାହୁଲ ଗାନ୍ଧି ଆସିବେ ଓଡ଼ିଶା: କଂଗ୍ରେସ କରିବ ବିଶାଳ ସମାବେଶ



ଭୁବନେଶ୍ୱର, ୧୯/୬ (ନି.ପ୍ର): ଓଡ଼ିଶା ଆସିବେ ରାହୁଲ ଗାନ୍ଧି । କଂଗ୍ରେସର ମହିଳା ବିରୋଧୀ ହିଂସା କାର୍ଯ୍ୟକ୍ରମରେ ଯୋଗ ଦେବେ । ଜୁଲାଇ ଦ୍ୱିତୀୟ ସପ୍ତାହରେ ରାହୁଲ ଗାନ୍ଧି ଓଡ଼ିଶା ଆସିବା ନେଇ ସୂଚନା ମିଳିଛି । ଏନେଇ ସୂଚନା ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ରାହୁଲଙ୍କ ସହ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ମଧ ଓଡ଼ିଶା ଆସିବେ । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ବିଶାଳ ସମାବେଶ ଆୟୋଜନ ହେବ । ଏନେଇ ଖୁବଶୀଘ୍ର ତାରିଖ ଧାର୍ଯ୍ୟ ହେବ ବୋଲି ପିସିସି ପକ୍ଷରୁ କୁହାଯାଇଛି । ରାଜ୍ୟରେ ଡବଲ ଇଞ୍ଜିନ ଫେଲ୍ ସହ ମହିଳାଙ୍କ ଉପରେ ବଢୁଥିବା ଅତ୍ୟାଚାର ବିରୁଦ୍ଧରେ ହେବ ସମାବେଶ। ହଜାର ହଜାର କର୍ମୀ ଓ ନେତା ଏହି ସମାବେଶରେ ଯୋଗ ଦେବେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି । ଏନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରେସ୍‌ମିଟ୍‌ରେ କହିଛନ୍ତି, 'ବାହୁଡ଼ା ପରେ କାର୍ଯ୍ୟକ୍ରମ ହୋଇପାରେ । ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରରେ ହେବ । ଦିନେ କି ଦୁଇ ଦିନ ଭିତରେ ଆମେ ତାରିଖ ଘୋଷଣା କରିବୁ । ନାରୀ ସୁରକ୍ଷା ପ୍ରସଙ୍ଗରେ କାର୍ଯ୍ୟକ୍ରମ ଓ ସମ୍ବିଧାନ ମଞ୍ଚ ହେବ ।' ଶେଷ ଥର ପାଇଁ ନିର୍ବାଚନ ପ୍ରଚାର ବେଳେ ଓଡ଼ିଶା ଆସିଥିଲେ ରାହୁଲ ଗାନ୍ଧି । ନିର୍ବାଚନ ପରେ ପିସିସି ଭଙ୍ଗ ହୋଇଥିଲା । ଓଡ଼ିଶାର ନୂଆ ପ୍ରଦେଶ କଂଗ୍ରେସ କମିଟି ପୁଣି ଥରେ ଗଠନ ହେବା ପରେ ସଭାପତି ହୋଇଛନ୍ତି ଭକ୍ତ ଦାସ । ନୂଆ ପିସିସ ହେବା ପରେ ଓଡ଼ିଶାକୁ ରାହୁଲଙ୍କ ଏହା ପ୍ରଥମ ଗସ୍ତ । ସେପଟେ ରାଜ୍ୟରେ ବିଜେପି ସରକାରର ବର୍ଷେ ପୂର୍ତ୍ତି ହୋଇଛି । ଆସନ୍ତାକାଲି ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଜଧାନୀ ଭୁବନେଶ୍ୱରରେ ରୋଡ୍ ସୋ କରିବେ ମୋଦି ।

# ଯାଜପୁରରେ ୨୪ ଓ ଭଦ୍ରକରେ ୨୧ ପର୍ଯ୍ୟନ୍ତ ସ୍କୁଲ ଛୁଟି

ଭୁବନେଶ୍ୱର, ୧୯/୬ (ନି.ପ୍ର): ଗ୍ରୀଷ୍ମ ଛୁଟି ପରେ ଆସନ୍ତକାଲିଠାରୁ ସ୍କୁଲ୍‌ଗୁଡ଼ିକୁ ଖୋଲିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଡାଇରିଆ ବ୍ୟାପିଥିବା ଯୋଗୁ ଯାଜପୁର ଜିଲ୍ଲାରେ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟଗୁଡ଼ିକୁ ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଜୁନ ୨୫ ତାରିଖରେ ସ୍କୁଲ ଖୋଲିବ। ସେହିପରି ଭଦ୍ରକ ଜିଲ୍ଲାରେ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ରଖିବାକୁ ଜିଲ୍ଲାପାଳ ଦେଇଛନ୍ତି ନିର୍ଦ୍ଦେଶ। ଯାଜପୁରରେ ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକୁ ଛୁଟି ଘୋଷଣା କରାଯାଇଥିଲେ ହେଁ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଆସନ୍ତାକାଲିଠାରୁ ସ୍କୁଲରେ ଉପସ୍ଥିତ ରହିବାକୁ କୁହାଯାଇଛି। ସ୍କୁଲରେ ଥିବା ସମସ୍ତ ଜଳଉତ୍ସଗୁଡ଼ିକର ବିଶୋଧିକରଣ କରିବା ସହିତ ଓଭରହେଡ୍ ଟାଙ୍କିଗୁଡ଼ିକୁ ସଫା କରିବା ଓ ସ୍କୁଲ ପରିସରକୁ ସ୍ୱଚ୍ଛ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନବାଡ଼ି କର୍ମୀମାନଙ୍କୁ ମଧ ସମାନ ନିର୍ଦ୍ଦେଶ ଦିଆଯାଇଛି।

▶▶ପୃଷ୍ଠା ୭

# ଚିକିତ୍ସା ପାଇଁ ଆଜି ମୁମ୍ବାଇ ଯିବେ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୧୯/୬ (ନି.ପ୍ର): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ଆସନ୍ତାକାଲି ମୁମ୍ବାଇ ଯିବେ। ନବୀନଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ମିଶ୍ର କହିଛନ୍ତି ନବୀନ ପଟ୍ଟନାୟକ ଆସନ୍ତାକାଲି ଦିନ ୧୦ରେ ମୁମ୍ବାଇ ପାଇଁ ବାହାରିବେ । ଦଳମତ ନିର୍ବିଶେଷରେ ତାଙ୍କ ପ୍ରତି ସମ୍ମାନ ରହିଛି। ଦେଶର ଅନେକ ରାଜନୈତିକ ଦଳ ତାଙ୍କୁ ସମ୍ମାନ କରନ୍ତି। ନେତାମାନେ ତାଙ୍କ ସହ ବିମାନ ବନ୍ଦର ଯାଇ ପାରନ୍ତି। ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇରେ କୋର୍ଡ଼ିନେଟ କରୁଛନ୍ତି ।

# ଆଜି ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱରରେ ସରକାରୀ ଅଫିସ୍ ବନ୍ଦ

ଭୁବନେଶ୍ୱର , ୧୯/୬ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱରରେ ସରକାରୀ ଅଫିସ୍ ବନ୍ଦ ରହିବ। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ ନିଷ୍ପତି ହୋଇଛି। ଏହାସହିତ ରାଜସ୍ୱ ଓ ମାଜିଷ୍ଟ୍ରେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ମଧ୍ୟ ଛୁଟି ରହିବ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ବେଳେ ଅତ୍ୟଧିକ ଭିଡ଼ ଓ ଟ୍ରାଫିକ୍ ସମସ୍ୟା ହେବାର ଆଶଙ୍କା ଥିବାରୁ ବନ୍ଦ ପାଇଁ ନିଷ୍ପତି ହୋଇଛି।

# ନବ ଦାସଙ୍କ ଘରେ ଆଇଟି ରେଡ: ଏକାଥରେ ୨୦ ସ୍ଥାନରେ ଚଢାଉ



ଭୁବନେଶ୍ୱର, ୧୯/୬ (ନି.ପ୍ର): ଭୂତପୂର୍ବ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେଡିର ଦିବଙ୍ଗତ ନେତା ନବ ଦାସଙ୍କ ଘରେ ଗୁରୁବାର ଆୟକର ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଏକାଥରକେ ୨୦ରୁ ଅଧିକ ସ୍ଥାନରେ ଏହି ରେଡ କରାଯାଇଛି । ଝାରସୁଗୁଡା, ସମ୍ବଲପୁର ଓ ଭୁବନେଶ୍ୱର ଭଳି ସ୍ଥାନରେ ଏହି ରେଡ କରାଯାଇଥିବା ଜଣା ପଡିଛି। ଆୟକର ଠକେଇ ନେଇ ଅଭିଯୋଗ ଆସିଥିବା ବେଳେ ୨୦ରୁ ଅଧିକ ସ୍ଥାନରେ ଇଡି ତନାଘନା ଚଳାଇଛି। ବିଭିନ୍ନ ସ୍ଥାନରେ ଇଡିର ୨୦ଟି ଟିମକୁ ଏହି ରେଡରେ ସାମିଲ କରାଯାଇଛି। ପୂର୍ବରୁ ଚଳିତ ବର୍ଷ ନବ ଦାସଙ୍କ ଭାଇ ବ୍ରଜ ଦାସଙ୍କ ଘରେ ଆୟକର ବିଭାଗ ପକ୍ଷରୁ ରେଡ କରାଯାଇଥିଲା।

# ଯୁବକଙ୍କୁ ହାତ-ଗୋଡ଼ରେ ବେଡ଼ି ପକାଇବା ମାମଲା: ଭୋଗରାଇ ଆଇଆଇସି ନିଲମ୍ବିତ

ଭୋଗରାଇ, ୧୯/୬ (ନି.ପ୍ର): ଜଣେ ଯୁବକଙ୍କ ବିରୋଧରେ ବେଆଇନ ଭାବେ କାର୍ଯ୍ୟାନୁଷ୍ଠାନ ନେବା ମାମଲାରେ ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବିନା ମାମଲାରେ ଯୁବକଙ୍କୁ ଦୁଇ ଦିନ ଯାଏଁ ହାତ-ଗୋଡ଼ରେ ବେଡ଼ି ପକାଇବା ଘଟଣାରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁ ନିଲମ୍ବିତ ହୋଇଛନ୍ତି। ସୂଚନାଯୋଗ୍ୟ ମାମଲା ରୁଜୁ ନହୋଇ ଜଣେ ଯୁବକଙ୍କୁ ଦୁଇ ଦିନ ଥାନା ଭିତରେ ଗୋଡ଼ ଓ ହାତରେ ହେଣ୍ଡକପ ପକାଇ ଥାନା ଅଧିକାରୀ ଶ୍ରୀ ସାହୁ ଅଟକ ରଖିଥିଲେ। ଖବର ପାଇ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ପହଞ୍ଚି ଏସପିଙ୍କ ସହିତ ଭିଡ଼ିଓ କଲରେ ଦେଖାଇବା ପରେ ଥାନା ଅଧିକାରୀ ଯୁବକଙ୍କୁ ଛାଡ଼ିଥିଲେ। ଭୋଗରାଇ ବ୍ଲକ ଜୟରାମପୁର ଗ୍ରାମର କାର୍ତ୍ତିକ ଚନ୍ଦ୍ର ଭୋଳ ଏକ ବାଇକ୍

▶▶ପୃଷ୍ଠା ୭

# ତଦନ୍ତ କରି ସତ ବାହାର କଲା ପ୍ୟାନେଲ୍: ହରଡ଼ଘଣାରେ ବିଚାରପତି





ନୂଆଦିଲ୍ଲୀ,୧୯/୬ : ଚୋର ଘର ସବୁବେଳେ ଅନ୍ଧାର ନଥାଏ । ଦିନେ ନା ଦିନେ ସତ ପଦାକୁ ବାହାରେ । କଳାକାରନାମା ଧରାପଡିଯାଏ । ତାହା ମଧ ଘଟିଛି ଏହି ଜଜଙ୍କ କ୍ଷେତ୍ରରେ । ଏକ ଅପ୍ରତ୍ୟାଶିତ ଘଟଣାରେ ଧରାପଡି ଏବେ ହରଡଘଣାରେ ପଡିଛନ୍ତି ହାଇକୋର୍ଟର ଜଣେ ବରିଷ୍ଠ ବିଚାରପତି । ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ ଇଣ୍ଟର୍ନାଲ୍ ଇନକ୍ୱାରୀ ପ୍ୟାନେଲ୍ ଏହିସବୁ ଗୁରୁତର ପ୍ରସଙ୍ଗ ତାଙ୍କ ବିରୋଧରେ ଉଠାଇଛନ୍ତି । ସିଧାସଳଖ କହିଛନ୍ତି ଅଭିଯୋଗର ଆଧାର ଅଛି । ଜଷ୍ଟିସ ଯଶଓ୍ୱନ୍ତ ବର୍ମାଙ୍କ ଦିଲ୍ଲୀ ବାସଭବନରେ ଗୋଟିଏ ରୁମରୁ ମିଳିଥିଲା ପୁଳା ପୁଳା ଟଙ୍କା । କହିବାକୁ ଗଲେ, ରୁମଟି ଟଙ୍କାରେ ଭର୍ତ୍ତିଥିଲା । ଇଣ୍ଟର୍ନାଲ୍ ପ୍ୟାନେଲ୍ ଦେଇଥିବା ରିପୋର୍ଟରେ ଦର୍ଶାଇଛନ୍ତି, ବିଚାରପତିଙ୍କ ଘରେ ନୋଟ୍ ଓ ଅଧାପୋଡା ନୋଟ୍ ଗଦା ହୋଇଥିବାର ବହୁତ ଲୋକ ଦେଖିଛନ୍ତି । ଏହି ଟଙ୍କାର ପାହାଡ ସଂପର୍କରେ ସେ ନା ପୋଲିସକୁ ଜଣାଇଛନ୍ତି ନା ବିଚାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିଜଆଡୁ ଜଣାଇଛନ୍ତି । ଏହି ଘଟଣା ସାମନାକୁ ଆସିବା ପରେ ବିଚାରପତିଙ୍କ ବ୍ୟବହାର ଅସ୍ୱାଭାବିକ ଥିଲା । ବିଚାରପତିଙ୍କ ବାସଭବନରୁ ଟଙ୍କା ମିଳିବା ଘଟଣାର ତଦନ୍ତ କରୁଥିବା ପ୍ୟାନେଲ୍ କହିଛନ୍ତି, ଏହି ଅଭିଯୋଗର ସତ୍ୟତା ରହିଛି । ଏହି ପ୍ୟାନେଲ୍ ୫୫ ଜଣଙ୍କୁ ପଚରାଉଚରା କରିଛି । ଜଷ୍ଟିସ ବର୍ମାଙ୍କ ଝିଅଙ୍କୁ ମଧ ପଚରାଉଚରା କରାଯାଇଛି ।

▶▶ପୃଷ୍ଠା ୭

# ବସ୍ତା ବ୍ଲକରୁ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ସାମଗ୍ରୀ ଚୋରି

ବସ୍ତା, ୧୯/୬ (ନି.ପ୍ର): ବୁଧବାର ରାତିରେ ବସ୍ତା ବ୍ଲକ କାର୍ଯ୍ୟାଳୟରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କମ୍ପ୍ୟୁଟର, ବ୍ୟାଟେରୀ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଯାଇଛି। ଏ ସମ୍ପର୍କରେ ଅଭିଯୋଗ ପାଇଁ ବସ୍ତା ଥାନା ପୁଲିସ ମାମଲା ରୁଜୁ କରିବା ସହିତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତଙ୍କ ପତ୍ତା ମିଳିନାହିଁ । ପାଖ ଦୋକାନ, ପେଟ୍ରୋଲ ପମ୍ପରେ ଥିବା ସିସି କ୍ୟାମେରା ପ୍ରଭୃତିରେ ଦୁର୍ବୃତ୍ତ ମାନଙ୍କର ଗତି ବିଧି ଅନୁଧାନ କରାଯାଉଛି। ତେବେ ବ୍ଲକ ଇଲାକା ଓ ଆଖ ପାଖ ଅଞ୍ଚଳରେ ଲଗାତର ଭାବେ ଚୋରି ହେଉଥିବା ବେଳେ ଚୋରଙ୍କୁ ଧରା ଯାଇପାରିନାହିଁ।

# ଇସ୍ରାଏଲକୁ ବଳ ଯୋଗାଉଛି ଆମେରିକା: ସେପଟେ ଏକୁଟିଆ ହୋଇଗଲାଣି ଇରାନ୍



ନୂଆଦିଲ୍ଲୀ,୧୯/୬ : ଇସ୍ରାଏଲ୍ ଇରାନ୍ ଯୁଦ୍ଧ ସପ୍ତମ ଦିନରେ ପହଞ୍ଚିଥିଲା ବେଳେ ଉଭୟ ପକ୍ଷ ପରସ୍ପର ଉପରେ ପ୍ରଚଣ୍ଡ ଆକ୍ରମଣ କରୁଛନ୍ତି । ହେଲେ ଏବେ ଇରାନ୍ କେବଳ ଇସ୍ରାଏଲ୍ ସହ ଯୁଦ୍ଧ କରୁନାହିଁ ବରଂ ଅନ୍ୟ ଏକ ଦିଗରେ ମଧ ସଂଘର୍ଷ କରୁଛି । ଯୁଦ୍ଧଭଳି ଘଡ଼ିସନ୍ଧି ସମୟରେ ଇରାନର ହାତ ଛାଡ଼ି ଦେଇଛନ୍ତି ସହଯୋଗୀ । ଇସ୍ରାଏଲ୍ ଓ ଇରାନ୍ ପରମ ଶତ୍ରୁ ରାଷ୍ଟ୍ର । ଇସ୍ରାଏଲ୍ ବିରୋଧରେ ଲଗାତର ଭାବେ ଇରାନ୍ ଛାୟା ଯୁଦ୍ଧ ଚଳାଇ ଆସୁଥିଲା । ଏଥିପାଇଁ ପଡ଼ୋଶୀ ଦେଶମାନଙ୍କରେ ବିଭିନ୍ନ ସାମରିକ ସଂଗଠନକୁ ଅସ୍ତ୍ରଶସ୍ତ୍ର ଓ ତାଲିମ ଯୋଗାଇ ଆସୁଥିଲା ଇରାନ୍ । ଲେବାନନର ହିଜବୁଲ୍ଲା, ପାଲେଷ୍ଟାଇନର ହମାସ୍, ୟେମେନର ହୁତି ପରି ସଂଗଠନକୁ ବର୍ଷ ବର୍ଷ ଧରି ସବୁ ପ୍ରକାର ପ୍ରୋତ୍ସାହନ ଯୋଗାଇଆସୁଥିଲା ଇରାନ୍ । ଏହି ସଂଗଠନ ଇସ୍ରାଏଲ ବିରୋଧରେ କାର୍ଯ୍ୟକଳାପ ଜାରି ରଖିଥିଲେ । ଏପରିକି ହମାସ୍ ବିରୋଧରେ ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ କରିବା ପରେ ହିଜବୁଲ୍ଲା ଓ ହୁତି ସକ୍ରିୟ ହୋଇ ଉଠିଥିଲେ।

▶▶ପୃଷ୍ଠା ୭

# 'ଧାମ' ପରେ ତେଜିଲା 'ପ୍ରସାଦ' ବିବାଦ: ଦୀଘା ମନ୍ଦିରରେ ପୂଜିତ ଖୁଆକୁ ମମତା କହିଲେ ମହାପ୍ରସାଦ



କୋଲକାତା,୧୮/୬ : ଆସନ୍ତାବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବଡ଼ ପଲିଟିକାଲ ଷ୍ଟଣ୍ଟ୍ । ଦୀଘା ଜଗନ୍ନାଥ ମନ୍ଦିରରେ ଖୁଆ ପୂଜା କରି ଏହାକୁ ମହାପ୍ରସାଦ ନାଁରେ ପୁରା ରାଜ୍ୟରେ ଘରେ ଘରେ ବାଣ୍ଟୁଛନ୍ତି ମମତା ସରକାର । କୁହାଯାଉଛି, ବିଜେପିର ହିନ୍ଦୁତ୍ୱ କାର୍ଡକୁ କଡ଼ା ଟକ୍କର ଦେବା ଏବଂ ନିର୍ବାଚନ ପୂର୍ବରୁ ନିଜ ହିନ୍ଦୁ ବିରୋଧୀ ଭାବମୂର୍ତ୍ତି ବଦଳାଇବାକୁ ଏଭଳି ଯୋଜନାର ସାହାରା ନେଇଛନ୍ତି ମମତା । ଯାହାକୁ ରାଜନୈତିକ ଚାଲ କହି କଡ଼ା ନିନ୍ଦା କରିଛି ପଶ୍ଚିମବଙ୍ଗ ବିଜେପି । ଏପଟେ ପ୍ୟାକେଟରେ ପେଡ଼ା ଓ ଗଜା ବାଣ୍ଟି ଏହାକୁ ମହାପ୍ରସାଦ ବୋଲି କହୁଥିବାରୁ ତାକୁ ନେଇ ବର୍ଷିଛନ୍ତି ଶ୍ରୀମନ୍ଦିର ସେବାୟତ । ପ୍ରଥମେ 'ଧାମ' ଏବେ, ପୁଣି 'ମହାପ୍ରସାଦ' ! ପୁରୀ ଶ୍ରୀମନ୍ଦିର, ଶ୍ରୀଜିଉ ଏବଂ ସାରା ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭକ୍ତି ଓ ଭାବାବେଗ ସହ ପୁଣି ଖେଳ । ପଶ୍ଚିମବଙ୍ଗ ଦୀଘାରେ କିଛି ଦିନ ତଳେ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିରରେ ଖୁଆ ପୂଜା କରି ଏହାକୁ ମହାପ୍ରସାଦ କହି ରାଜ୍ୟବାସୀଙ୍କୁ ବାଣ୍ଟୁଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଏ ଦୃଶ୍ୟ ଗତ ୧୦ ତାରିଖର। ସଂକୀର୍ତ୍ତନ କରି ଦୀଘା ମନ୍ଦିରକୁ ପ୍ରବେଶ କରୁଥିବା ଏହି ମହିଳାଙ୍କ କାନ୍ଧରେ ରହିଛି କ୍ଷୀରରୁ ପ୍ରସ୍ତୁତ ଖୁଆ ପ୍ୟାକେଟ୍। ହଳଦିଆ କପଡ଼ା ଘୋଡ଼ାଯାଇଥିବା ଜରି ପ୍ୟାକେଟ୍ ଭର୍ତ୍ତି ପ୍ରାୟ ୩୦୦ କିଲୋଗ୍ରାମ ଖୁଆ ଦୀଘା ମନ୍ଦିରକୁ ଅଣାଯିବା ପରେ ଏଠାରେ ପ୍ରସାଦ ଭାବେ ଲାଗି କରାଯାଇଥିଲା । ପରେ ଏହାକୁ ୨୩ଟି ଜିଲ୍ଲାକୁ ଜିଲ୍ଲାପାଳଙ୍କ ଜରିଆରେ ପଠାଯାଇଛି । ସେଠୁ ୩୪୧ ବ୍ଲକକୁ ବିଡିଓଙ୍କୁ ମାଧ୍ୟମରେ ବାଣ୍ଟିବାର ବ୍ୟବସ୍ଥା କରିଛନ୍ତି ମମତା ସରକାର।

▶▶ପୃଷ୍ଠା ୭

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୦ ଜୁନ ୨୦୨୫, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆଇନର ଶାସନ ହିଁ ସର୍ବୋପରି: 'ଥଗ୍ ଲାଇଫ୍' ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ

କର୍ଣ୍ଣାଟକରେ ତାମିଲ୍ ଫିଲ୍ମ 'ଥଗ୍ ଲାଇଫ୍'ର ପ୍ରଦର୍ଶନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଉପରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ କେବଳ ଏକ ଫିଲ୍ମର ମୁକ୍ତି ସୁନିଶ୍ଚିତ କରୁ ନାହିଁ, ବରଂ ଏହା ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆ, ଅର୍ଥାତ୍ ଆଇନର ଶାସନ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁଦୃଢ଼ କରୁଛି। କର୍ଣ୍ଣାଟକ ସରକାରଙ୍କୁ ସ୍ପଷ୍ଟ ଭାବରେ ଏହି ନିର୍ଦ୍ଦେଶ ଦେଇ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ କୌଣସି ଗୋଷ୍ଠୀ ବା ମୋବ୍‌ର ହିଂସାତ୍ମକ ଧମକ ଆଗରେ ଆଇନର ଶାସନ ମୁଣ୍ଡ ନୁଆଁଇ ପାରିବ ନାହିଁ । ଏହି ରାୟ ଏକ ସ୍ୱାଗତଯୋଗ୍ୟ ବିକାଶ, ବିଶେଷକରି ଯେତେବେଳେ କର୍ଣ୍ଣାଟକ ହାଇକୋର୍ଟ ଏହି ମାମଲାରେ ଏକ ପ୍ରତିଗାମୀ ମନୋଭାବ ପ୍ରଦର୍ଶନ କରିଥିଲେ । ହାଇକୋର୍ଟ ବିବାଦର ସମାଧାନ ପାଇଁ ଫିଲ୍ମର ଅଭିନେତା କମଲ ହାସନଙ୍କୁ କ୍ଷମା ମାଗିବାକୁ ପରାମର୍ଶ ଦେଇଥିଲେ, ଯାହା ଏକପ୍ରକାର ମୋବ୍ ରାଜ୍ ବା ଗୁଣ୍ଡାଗର୍ଦ୍ଦିକୁ ନ୍ୟାୟିକ ସ୍ୱୀକୃତି ଦେବା ସଦୃଶ ଥିଲା ।

ଏହି ବିବାଦର ପୃଷ୍ଠଭୂମି ଅଭିନେତା କମଲ ହାସନଙ୍କ ଏକ ବୟାନରୁ ଆରମ୍ଭ ହୋଇଥିଲା, ଯେଉଁଥିରେ ସେ କହିଥିଲେ ଯେ କନ୍ନଡ ଭାଷାର ଜନ୍ମ ତାମିଲ ଭାଷାରୁ ହୋଇଛି । ଏହି ବୟାନକୁ ନେଇ କର୍ଣ୍ଣାଟକର କେତେକ କନ୍ନଡ ସଂଗଠନ ତୀବ୍ର ବିରୋଧ କରିଥିଲେ ଏବଂ ଫିଲ୍ମର ପ୍ରଦର୍ଶନକୁ ରୋକିବା ପାଇଁ ଥିଏଟର ମାଲିକମାନଙ୍କୁ ଧମକ ଦେଇଥିଲେ । ଫଳରେ, କେନ୍ଦ୍ରୀୟ ଫିଲ୍ମ ପ୍ରମାଣନ ବୋର୍ଡ (CBFC) ଦ୍ୱାରା ପ୍ରମାଣପତ୍ର ପାଇବା ସତ୍ତ୍ୱେ ସାରା ଦେଶରେ ମୁକ୍ତିଲାଭ କରିଥିବା 'ଥଗ୍ ଲାଇଫ୍' କର୍ଣ୍ଣାଟକରେ ପ୍ରଦର୍ଶିତ ହୋଇପାରିନଥିଲା । ଏହା ଏକ ପ୍ରକାରର ଅଘୋଷିତ ବା **'extra-judicial'** ପ୍ରତିବନ୍ଧକ ଥିଲା, ଯାହା ଆଇନ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିରୋଧାଚରଣ କରୁଥିଲା । ଏହି ପରିପ୍ରେକ୍ଷୀରେ, ବେଙ୍ଗାଲୁରୁର ଜଣେ ବାସିନ୍ଦା ମହେଶ ରେଡ୍ଡୀ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରି ଫିଲ୍ମର ସୁରକ୍ଷିତ ପ୍ରଦର୍ଶନ ପାଇଁ ନିର୍ଦ୍ଦେଶ ଲୋଡ଼ିଥିଲେ ।

ସୁପ୍ରିମକୋର୍ଟର ବିଚାରପତି ଉଜ୍ଜ୍ୱଳ ଭୂୟାଁ ଏବଂ ଜଷ୍ଟିସ୍ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଅତ୍ୟନ୍ତ ସ୍ପଷ୍ଟ ଏବଂ ଦୃଢ଼ ମତ ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, 'ଆମେ ରାସ୍ତାରେ ମୋବ୍ ରାଜ୍ ବା ଗୁଣ୍ଡାଗର୍ଦ୍ଦି କରୁଥିବା ଗୋଷ୍ଠୀଙ୍କୁ ନିୟନ୍ତ୍ରଣ ନେବାକୁ ଦେଇ ପାରିବୁ ନାହିଁ । ଆଇନର ଶାସନ ପ୍ରଚଳିତ ହେବା ଆବଶ୍ୟକ।' ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୁପ୍ରିମକୋର୍ଟ କର୍ଣ୍ଣାଟକ ହାଇକୋର୍ଟଙ୍କ ଆଭିମୁଖ୍ୟକୁ ମଧ୍ୟ ସମାଲୋଚନା କରିଛନ୍ତି । ଉଚ୍ଚତମ ନ୍ୟାୟାଳୟ କହିଛନ୍ତି ଯେ ଯଦି କେହି ଏକ ବୟାନ ଦେଇଛନ୍ତି, ତେବେ ତାହାର ଜବାବ ଏକ ପ୍ରତି-ବୟାନରେ ଦିଆଯିବା ଉଚିତ୍, ହିଂସା ବା ଅଗ୍ନିକାଣ୍ଡର ଧମକ ଦ୍ୱାରା ନୁହେଁ । ହାଇକୋର୍ଟ କମଲ ହାସନଙ୍କୁ କ୍ଷମା ମାଗିବାକୁ ପରାମର୍ଶ ଦେବା ନ୍ୟାୟିକ ପ୍ରକ୍ରିୟାର ଅଂଶ ନୁହେଁ ବୋଲି ସୁପ୍ରିମକୋର୍ଟ ମତ ଦେଇଥିଲେ । ଏହାସହ, ସୁପ୍ରିମକୋର୍ଟ ହାଇକୋର୍ଟରେ ବିଚାରାଧୀନ ଥିବା ମାମଲାକୁ ନିଜ ପାଖକୁ ସ୍ଥାନାନ୍ତର କରି ଏହାର ଗମ୍ଭୀରତାକୁ ପ୍ରମାଣିତ କରିଛନ୍ତି ।

ଏହି ରାୟର ବିଶ୍ଳେଷଣ କଲେ ଏହାର ଦୂରଗାମୀ ମହତ୍ତ୍ୱ ସ୍ପଷ୍ଟ ହୁଏ । ପ୍ରଥମତଃ, ଏହା ପୁଣିଥରେ ସ୍ଥାପିତ କରୁଛି ଯେ **CBFC** ଦ୍ୱାରା ଅନୁମୋଦନ ଲାଭ କରିବା ପରେ ତାହାର ପ୍ରଦର୍ଶନକୁ ରୋକିବା ପାଇଁ କାହାରିକୁ ଅଧିକାର ନାହିଁ। ଆଇନଶୃଙ୍ଖଳା ପରିସ୍ଥିତିର ଆଳ ଦେଖାଇ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଦମନ କରାଯାଇ ପାରିବ ନାହିଁ; ବରଂ ଆଇନଶୃଙ୍ଖଳା ରକ୍ଷା କରିବା ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁରକ୍ଷା ଦେବା ରାଜ୍ୟର ଦାୟିତ୍ୱ । ଦ୍ୱିତୀୟତଃ, ନ୍ୟାୟାଳୟ 'ଭିନ୍ନ ମତ ରଖିବାର ଅଧିକାର'କୁ ଗୁରୁତ୍ୱ ଦେଇଛନ୍ତି, ଯାହା ବାକ୍ ସ୍ୱାଧୀନତାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ନ୍ୟାୟାଳୟ ମରାଠୀ ନାଟକ 'ମି ନାଥୁରାମ ଗଡସେ ବୋଲତୋୟ'ର ଉଦାହରଣ ଦେଇ କହିଥିଲେ ଯେ ଏପରିକି ଜାତିର ପିତାଙ୍କ ବିଷୟରେ ସମାଲୋଚନାତ୍ମକ ମତ ଥିଲେ ମଧ୍ୟ ବମ୍ବେ ହାଇକୋର୍ଟ ଏହାର ପ୍ରଦର୍ଶନ ଉପରେ ଲାଗିଥିବା ପ୍ରତିବନ୍ଧକକୁ ହଟାଇ ଦେଇଥିଲେ । ଏହା ଦର୍ଶାଏ ଯେ ଏକ ସୁସ୍ଥ ଗଣତନ୍ତ୍ରରେ ବିତର୍କ ଏବଂ ଆଲୋଚନା ପାଇଁ ସ୍ଥାନ ରହିବା ଉଚିତ୍, ଧମକ ଏବଂ ଅସହିଷ୍ଣୁତା ପାଇଁ ନୁହେଁ ।

ତୃତୀୟତଃ, କର୍ଣ୍ଣାଟକ ହାଇକୋର୍ଟଙ୍କ ଆଭିମୁଖ୍ୟର ସମାଲୋଚନା କରି ସୁପ୍ରିମକୋର୍ଟ ଏକ ଶକ୍ତ ବାର୍ତ୍ତା ଦେଇଛନ୍ତି ଯେ ନ୍ୟାୟପାଳିକାକୁ ଭିଡ଼ର ଭାବନା ଦ୍ୱାରା ପ୍ରଭାବିତ ନ ହୋଇ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଦୃଢ଼ ଭାବରେ ଠିଆ ହେବାକୁ ପଡିବ । କ୍ଷମା ମାଗିବାକୁ କହିବା ଦ୍ୱାରା ହାଇକୋର୍ଟ ପରୋକ୍ଷରେ ଧମକ ଦେଉଥିବା ଗୋଷ୍ଠୀଙ୍କୁ ସଶକ୍ତ କରୁଥିଲେ । ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଏହି ବିପଜ୍ଜନକ ପ୍ରବୃତ୍ତି ଉପରେ ରୋକ୍ ଲଗାଇଛି । ଏହି ରାୟ କେବଳ 'ଥଗ୍ ଲାଇଫ୍'ର ନିର୍ମାତାଙ୍କ ପାଇଁ ଏକ ବିଜୟ ନୁହେଁ, ବରଂ ଏହା ସମସ୍ତ କଳାକାର, ଲେଖକ ଏବଂ ସୃଜନଶୀଳ ବ୍ୟକ୍ତିଙ୍କ ପାଇଁ ଏକ ଆଶ୍ୱାସନା । ଏହା ସୁନିଶ୍ଚିତ କରେ ଯେ ଭାରତରେ ଆଇନର ଶାସନ ଏବେବି ଜୀବନ୍ତ ଏବଂ କୌଣସି ଅଣ-ସାମ୍ବିଧାନିକ ଶକ୍ତି ଏହାକୁ ନିଜ ଅକ୍ତିଆରକୁ ନେଇ ପାରିବ ନାହିଁ । କର୍ଣ୍ଣାଟକର ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ମଧ୍ୟ ସୁପ୍ରିମକୋର୍ଟଙ୍କ ଆଦେଶକୁ ସମ୍ମାନ ଦେବା ପାଇଁ ଆହ୍ୱାନ ଦେଇଛନ୍ତି, ଯାହା ଏକ ସକାରାତ୍ମକ ପଦକ୍ଷେପ । ଆଶା କରାଯାଏ ଯେ ଏହି ରାୟ ଭବିଷ୍ୟତରେ ଏପରି ଘଟଣାଗୁଡ଼ିକ ପାଇଁ ଏକ ଦୃଷ୍ଟାନ୍ତ ହେବ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ସେମାନଙ୍କର ସାମ୍ବିଧାନିକ ଦାୟିତ୍ୱ ବିଷୟରେ ସଚେତନ କରାଇବ ।



ମଧୁମିତା ମିଶ୍ର

# ମୋ ଆଖିରେ ତୁ... (୪)



(ପୂର୍ବ ପ୍ରକାଶିତ ଉତ୍ତାରୁ..)

ତୋ ବିଗ୍ରହକୁ ଦେଖିଦେଲେ ହଜି ଯିବାକୁ ମନେ ହୁଏରେ କାଳିଆ...!! ମୁଁ ତ ଆଉ ଖୋଜି ପାଏନା ନିଜକୁ। କିନ୍ତୁ ଜାଣିଛୁ ତୋତେ ଦେଖିଲେ ମୋ ମନରେ ଗୋଟିଏ ଭାବନା ଆପଣାଛାଏଁ ଚାଲିଆସେ। ମନେ ମନେ ମୁଁ ବହୁତ୍ ଭାବେ ତୋ ଅବୟବ ଏମିତି କାଠରେ ଗଢା ହେଉ ବୋଲି ତୁ କାହିଁକି ନିଷ୍ପତ୍ତି ନେଲୁରେ...!? ଯେତେବେଳେ କି କାଠ ଅତ୍ୟଧିକ ପରିମାଣରେ ଦହନଶୀଳ ହୋଇଥାଏ। ନିଆଁ ପାଣିର ଭୟ ସବୁବେଳେ କାଠ ପାଇଁ ରହିଥାଏ। ତେବେ କାଳିଆ... ଏମିତି ଏକ ସମ୍ବେଦନଶୀଳ ବସ୍ତୁରେ ନିଜ ପ୍ରତିମା ଗଢେଇବାକୁ ତୁ ମନସ୍ଥ କରିବା ପଛରେ ମୋତେ କେବଳ ତ୍ରେତାଯୁଗର ତୋ ରାମବତାର ହିଁ ବିଦ୍ୟମାନ ଲାଗୁଛି।

ତୋର ସେହି ଅବତାର ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଯିଏ ନିଜ ପିତୃସତ୍ୟ ପାଳନ ପାଇଁ ରାଜା ହେବା ସୁଖକୁ ତ୍ୟାଗ କରି ଘୋର ବନ ଭିତରକୁ ଚାଲି ଯାଇଥିଲେ ବିନା ସର୍ତ୍ତରେ...!! ଆଉ ମା ଜଗତଜନନୀ ମହାଲକ୍ଷ୍ମୀ ସ୍ୱରୂପା ମାତା ସୀତା ତୋ ହାତ ଧରି ଆଗେଇ ଯାଇଥିଲେ ନିଜ ପତ୍ନୀଧର୍ମକୁ ନିର୍ବାହ କରିବା ପାଇଁ।ପଛରେ ଛାଡ଼ି ଯାଇଥିଲେ ସବୁ ସୁଖ ସୁବିଧା, ସବୁ ସ୍ୱପ୍ନ .. କିନ୍ତୁ ଦିନେ ମଧ୍ୟ କୌଣସି ପ୍ରତିବାଦ କିମ୍ବା ଅଭିଯୋଗ ସେ ଆଣି ନ ଥିଲେ ତୋ ବିରୁଦ୍ଧରେ...!!

ସେହି ସୁନ୍ଦରୀ ସୀତାଙ୍କ ଜୀବନରେ ଘୋର ବିପଦ ଘୋଟି ଆସିଲା ଯେତେବେଳେ ସୂର୍ପଣଖାର କୁମନ୍ତ୍ରଣା ଯୋଗୁଁ ଲଙ୍କାପତି ରାବଣ ତାଙ୍କୁ ହରଣ କରି ନେଇଯିବା ପାଇଁ ଘୃଣ୍ୟ ଯୋଜନା ପ୍ରସ୍ତୁତ କଲା। ଜାଣିଥିଲୁ ତୁ ସବୁକିଛି। ତୁ ନିଜେ ପରା ଭାଗ୍ୟ ବିଧାତା...କିନ୍ତୁ ଚୁପ୍ ରହିଲୁ ଆଉ ନୀୟତିକୁ ତା ଖେଳ ଖେଳିବାକୁ ହିଁ ଛାଡ଼ିଦେଲୁ। ସେହି କଳାମେଘ ତୋ ଜୀବନର ବଳକା ଖୁସି ସବୁକୁ ସତେ ଯେପରି ଧୋଇ ନେଇ ଚାଲିଗଲା...!!

ବଣ ଜଙ୍ଗଲ ଭିତରେ ବିକଳ ହୋଇ ପଶୁପକ୍ଷୀ ଗଛ ପାହାଡ ସମସ୍ତଙ୍କୁ ପଚାରି ଚାଲିଲୁ ପାଗଳପ୍ରାୟ ହୋଇ... ତୋ ପ୍ରାଣ ପ୍ରୀୟାଙ୍କୁ ଖୋଜି ବୁଲିଲୁ। କହିଲୁ କାଳିଆ... ସେହି ଗଛପତ୍ର ମାନଙ୍କୁ ନିଜର ଭାବି ମନକଥା କହୁଥିଲୁ ବୋଲି କଣ ଶେଷରେ ଏହି କାଷ୍ଠ ସ୍ୱରୂପ ତୋ ମନକୁ ଏତେ ଆପଣାର ଲାଗିଲା..??

ରାବଣର ଅନ୍ତ ପରେ ଜୀବନର ସର୍ବୋଚ୍ଚ ସମ୍ପତ୍ତି ପାଇଗଲା ପରି ମାତା ସୀତା ତୋ ବାହୁ ବନ୍ଧନୀ ଭିତରେ ଟିକେ ଶାନ୍ତିରେ ନିଃଶ୍ୱାସ ମାରିବା ସମୟରେ ମଧ୍ୟ ତୋ ଦୁଃଖର ଅନ୍ତ ହୋଇ ପାରିଲାନି ଯେ ଧୋବଣୀ କଥା ଶୁଣି ନିଜ ଅନ୍ତଃସତ୍ୱା ପତ୍ନୀଙ୍କୁ ତୋତେ ତ୍ୟାଗ କରିବାକୁ ହେଲା।...!! ରାଜା ହିସାବରେ ପ୍ରଜା ପାଳନର ଧର୍ମ ସେଦିନ ତୋତେ ପୁନଃ କାଷ୍ଠ ପ୍ରାୟ କରି ଦେଇଥିଲା ନା କାଳିଆ...??

ଦୁଇଟି କୋମଳ ପୁତ୍ରଙ୍କୁ ଜନ୍ମ ଦେଇ ବଣରେ ଅକଥନୀୟ କଷ୍ଟର ସାମ୍ନା କରୁଥିବା ନିଜ ଅର୍ଦ୍ଧାଙ୍ଗିନୀଙ୍କ ଦୁଃଖ ବୁଝିପାରି ତୁ ମଧ୍ୟ ଦୂରେଇ ଯାଇଥିଲୁ ନା କାଳିଆ... ଭୋଗବିଳାସ ଠାରୁ...!! ଆଉ ନିର୍ଜୀବ କାଠଟେ ପରି କେବଳ ସବୁ କାର୍ଯ୍ୟ କରି ଚାଲିଥିଲୁ...!! କଣ ସେଥିପାଇଁ ନିଜକୁ କାଠ ବୋଲି ତୁ ଭାବି ବସିଲୁ କି ରେ ଜଗା..!!??

ବିଧିର ଅଦ୍ଭୁତ ସଂଯୋଗ ପୁଣି ଆଣି ଠିଆ କରେଇଲା ତୋତେ... ଏକ କାଠଗଡାରେ...!! ସେଦିନ ଧର୍ମ ସ୍ଥାପନ ପାଇଁ ତୋତେ ଆବାହନ କରିବାକୁ ହୋଇଥିଲା ଅକ୍ଷୟ ପୁଣ୍ୟକୁ। ଆଉ ସେଇଥିପାଇଁ ଅଶ୍ୱମେଧ ଯଜ୍ଞର ଆୟୋଜନ କରିବା ହିଁ ଏକମାତ୍ର ମାର୍ଗ ହୋଇ ରହିଲା ତୋ ସାମ୍ନାରେ। ହେଲେ ସୀତା ବିନୁ ରାମ କିପରି ଭଲା ଯଜ୍ଞ କରି ପାରିଥାନ୍ତେ..?? ସେଥିପାଇଁ ତୋତେ ନିର୍ମାଣ କରିବାକୁ ହୋଇଥିଲା ସୁବର୍ଣ୍ଣ ସୀତାଙ୍କ ନିର୍ଜୀବ ପ୍ରତିମା। ଜୀବିତା ପ୍ରାଣ ସଙ୍ଗିନୀକୁ ଏହି ରୂପରେ ଦେଖି ତୋ ମନ ମଧ୍ୟ ପ୍ରାଣହୀନ ହୋଇ ଯାଇଥିବ ନା ସୀତାକାନ୍ତ...?? ଆଉ ସେଇ କଷ୍ଟ କଣ ତୋତେ ଅଥୟ କରି ଦେଇଛି କି...!!

ପରମପିତାଙ୍କ ଅପାର କରୁଣାରୁ ତୁ ସନ୍ଧାନ ପାଇଲୁ ନିଜ ଉତ୍ତରାଧିକାରୀ ମାନଙ୍କର। ଲବକୁଶଙ୍କ ସହିତ ସୀତାଙ୍କୁ ଫେରି ପାଇବା ସ୍ୱପ୍ନରେ ବିହ୍ୱଳ ହେଲୁ ତୁ ଜଗା। ଫେରେଇ ଆଣିବାକୁ ଉଦ୍ୟମ ମଧ୍ୟ କଲୁ। ହେଲେ...!!

ମଣିଷ ରୂପରେ ରହିଥିବା କାଳିଆ ଠାକୁର ରାଜାରାମ ନିଜ ସହିତ ସେଦିନ ନ୍ୟାୟ କରିବାକୁ ସକ୍ଷମ ହେଲୁନି। ଦୁନିଆ ଯାହା କହିଲା ତାହା ତାକୁ କହିବାକୁ ସୁଯୋଗ ଦିଆଗଲା। ଆଉ ସେଇଥିପାଇଁ ସୀତାଙ୍କ ଚରିତ୍ର ଉପରେ ପୁନଃ ଅବାନ୍ତର ପ୍ରଶ୍ନ ଉଠିଲା।

ରାବଣବଧ ପରେ ଯେତେବେଳେ ତୁ ଯାଇଥିଲୁ ସୀତାଙ୍କୁ ଆଣିବା ପାଇଁ ସେତେବେଳେ ଦୁନିଆ ତାଙ୍କ ସତୀତ୍ୱ ଉପରେ ସନ୍ଦେହ କରିଥିଲା। ଆଉ ସେହି ସନ୍ଦେହର ମୂଳୋତ୍ପାଟନ ପାଇଁ ତୁ ମାତା ସୀତାଙ୍କର ଅଗ୍ନିପରୀକ୍ଷା କରେଇଥିଲୁ। ନିଜ ସ୍ତ୍ରୀକୁ କିଏ କଣ ଏମିତି ନିଆଁରେ ପଶିବା ପାଇଁ ଆଦେଶ କେହି ଦେଇପାରେ କି କାଳିଆ?? ଯଦି ବିଶ୍ୱାସ ନ ଥିଲା ତେବେ ଆପଣେଇ ନେବାର ବି ଆବଶ୍ୟକତା ନ ଥିଲା ନା...!! ହଁ ତୁ କହିପାରୁ ସେତେବେଳେ ରାକ୍ଷସ ରାଇଜରୁ ଆସିଥିଲେ ବୋଲି ଏପରି ନ୍ୟାୟ ଅନିର୍ବାର୍ଯ୍ୟ ଥିଲା। କିନ୍ତୁ ଆଜି କଣ ହେଲା...!!?? ଆଜି ତ ମହାରାଣୀ ସୀତା ତୋ ସାମ୍ନାରେ ଠିଆ ହୋଇଥିଲେ।ସତୀ ସାଧ୍ୱୀ ହୋଇ ସାଧୁଙ୍କ ଗହଣରେ ଥିଲେ। ଆଉ ବର୍ତ୍ତମାନ ତ ତୋର ରାମରାଜ୍ୟ ମଧ୍ୟ ସ୍ଥାପିତ ହୋଇସାରିଥିଲା ..!!!

ତୋର ଏହି ପଦକ୍ଷେପ ବୋଧେ ଅତ୍ୟନ୍ତ ବ୍ୟଥିତ କରି ଦେଇଥିଲା ମାତା ସୀତାଙ୍କୁ।ଅଥବା ତୋତେ ଅପରାଧୀଟେ ପରି ଲାଗିଥିଲା। ସେଥିପାଇଁ ଆଜି ତୁ ଏପରି ଏକ ରୂପ ନେଇଛୁ କି କାଳିଆ ଯେଉଁଥିରେ ତୁ ରାଜାଧୀରାଜ ହୋଇ ଆସନ ଉପରେ ତ ବସିଛୁ କିନ୍ତୁ କିଛି ବି କହୁନୁ। ଖାଲି ବଡ ବଡ ଆଖିରେ ଅସହାୟ ହୋଇ ଚାହିଁ ରହିଛୁ। ମାତାସୀତା ଭୂପ୍ରବେଶ କରିବା ସମୟରେ ଯେମିତି ବଡ ବଡ ବିସ୍ଫାରିତ ଆଖିରେ ତୁ ଖାଲି ଚାହିଁ ରହି ଯାଇଥିଲୁ ଏବେ ବି ଠିକ୍ ସେମିତି ରହିଛୁ କି କାଳିଆ...?? ମାତା କଣ ତୋତେ ମନେ ମନେ ଅଭିଶାପ ଦେଇଗଲେ କି...? ଯେମିତି କାଠ ପରି ତାଙ୍କ ପ୍ରତି ହେଉଥିବା ଅନ୍ୟାୟ ଦେଖି ଚୁପ୍ ରହୁଥିଲୁ ସେମିତି କାଠବିଗ୍ରହ ଭିତରେ ତୋ ହୃଦୟ ରହିବ ବୋଲି ସେଦିନ ସେ କହିଗଲେ କି ଜଗା...!! ମୁଁ ଏକଥା ଜାଣେନା। ହେଲେ ଏତିକି ଜାଣିଛି ତୋ ଦିବ୍ୟଲୀଳା ପଛର କାରଣ କେବଳ ତୋତେ ହିଁ ଜଣା...!!

ତୋ ବିଗ୍ରହକୁ ଦେଖି କେତେ ଲୋକେ କେତେ କଥା କୁହନ୍ତି...!! କିଏ କହେ ଚତୁର୍ଦ୍ଧାମୂର୍ତ୍ତି ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଆଉ ମହେଶ୍ୱର। କିଏ କହେ ଯେତେବେଳେ ଲକ୍ଷ୍ମଣ ବହୁତ୍ ମନଦୁଃଖ କଲେ ଯେ ସେ କେବଳ ଛୋଟ ଭାଇ ହୋଇଥିବା କାରଣରୁ ଶ୍ରୀରାମଙ୍କ କଷ୍ଟ ଦେଖି ମଧ୍ୟ ତାଙ୍କୁ କୌଣସି କାର୍ଯ୍ୟ କରିବାରୁ ନିବୃତ କରି ରଖି ପାରିଲେନି। ସେଥିପାଇଁ କେବଳ ସେ ନେହୁରା ହେଲେ ତୋତେ ଯେ ପର ଜନମରେ ଯେମିତି ସେ ବଡ ହୁଅନ୍ତେ ଆଉ ତୋତେ ଏମିତି କଷ୍ଟ ସହିବାରୁ କ୍ଷାନ୍ତ କରନ୍ତେ...!! କେବଳ ସେହି କାରଣରୁ ଏହି ଜନ୍ମରେ ତୁ ଛୋଟ ହେଲୁ ଆଉ ଶେଷନାଗ ରୂପୀ ଲକ୍ଷ୍ମଣ ହୋଇଛନ୍ତି ବଡ ଭାଇ ବଳଭଦ୍ର। କିଏ ପୁଣି କୁହେ ଦୁନିଆର ସବୁ ବ୍ୟକ୍ତିଙ୍କ ରଙ୍ଗ ଏହି ବିଗ୍ରହରୁ ହିଁ ଆସିଛି। କିଏ ପୁଣି କୁହେ ତୁ ଶୂନ୍ୟବ୍ରହ୍ମ... ତେଣୁ ଯେଉଁଠୁ ଆରମ୍ଭ ସେଇଠି ଶେଷ...ଏକ ଶୂନ୍ୟତା ଭିତରେ ତୁ ପୂର୍ଣ୍ଣବ୍ରହ୍ମ... ଆଉ ସବୁ ପୂର୍ଣ୍ଣତା ମଧ୍ୟ କୁହେ ସବୁ ମିଶିଯାଏ ସେହି ଶୂନ୍ୟତାରେ...!! ସତରେ କାଳିଆ ଜୀବନ ଆରମ୍ଭ ହୋଇଛି ସେହି ଶୂନ୍ୟରେ ଆଉ ସବୁ ସମାପ୍ତ ହୋଇଛି ମଧ୍ୟ ସେହି ଶୂନ୍ୟରେ... ସେହି ଚକା ଚକା ଦୁଇ ଆଖିରେ ଲୁଚି ରହିଛି ଏହି ଅନନ୍ତ ବ୍ରହ୍ମାଣ୍ଡ...!!

ଭକ୍ତ ପ୍ରାଣର ତୁ କୋଟିନିଧି... କରୁଣା ସିନ୍ଧୁ... ତୁ ପୁଣି କେତେବେଳେ ଲବଣୀଖିଆ ଗୋପାଳ ଆଉ କେତେବେଳେ ତୁ ହେଲୁ ଗୋବର୍ଦ୍ଧନ ଗିରିଧାରୀ...!! କାଳିଆରେ... ତୋ ବଡ ଦେଉଳକୁ ଥରେ ଚାହିଁ ଦେଲେ ସାରା ଦୁନିଆଟା ବହୁତ୍ ଛୋଟ ଦେଖାଯାଏ। ତୋ ପତିତପାବନ ବାନା ଫରଫର ହୋଇ ଉଡ଼ି ବୁଲିଲେ ସବୁ ଦୁଃଖ ଶୋକ ତା ସହିତ ଉଡ଼ି ଚାଲିଯାଏ। ଅରୁଣସ୍ତମ୍ଭ ପାଖରୁ ତୋ ପତିତପାବନ ବିଗ୍ରହର ଦର୍ଶନ ପାଇବା ପରେ ଦ୍ୱାରପାଖରୁ ମା ମହାଲକ୍ଷ୍ମୀଙ୍କ ଅନୁମତି ନେଇ ପ୍ରବେଶ କରେ ଭକ୍ତ ତୋ ବଡ ଦେଉଳକୁ। ସେଠି ଦୁଆର ମୁହଁରେ ଏକ ବିରାଟ ଲୌହ ପଥର ସଦୃଶ କଳା ବିଶାଳ ଶିଳା ଅପେକ୍ଷା କରିଥାଏ ଭକ୍ତମାନଙ୍କ ପାଇଁ। କୁହାଯାଏ ଦର୍ଶନ ପୂର୍ବରୁ ତା ଉପରେ ପାଦ ଥୋଇ ଆଗେଇଲେ ସେହି ଯମଶିଳା ସମସ୍ତଙ୍କ ପାପ ହରଣ କରି ନେଇଯାଏ। କିନ୍ତୁ ଆସିବା ସମୟରେ ପାଦ ରଖିଦେଲେ ପୁଣ୍ୟ ସବୁ ମଧ୍ୟ ସେ ସାଉଁଟି ନେଇଯାଏ। ଏଇୟା ମଧ୍ୟ ଲୋକକଥାରେ ପ୍ରଚଳିତ ଅଛି ଯେ ଏହି ଯମଶିଳା ଉପରେ ପାଦ ରଖିଦେଲେ ଯମଦଣ୍ଡରୁ ମୁକ୍ତି ମିଳେ। ଖାସ ଏହି କାରଣରୁ ଭକ୍ତମାନେ ଗଲାବେଳେ କ୍ଷଣେ ଅଟକି ଯାଆନ୍ତି... ସେହି ସ୍ଥାନରୁ ପତିତପାବନ ବାନାକୁ ଟିକେ ଦର୍ଶନ କରି ହାତ ଯୋଡ଼ି ଦିଅନ୍ତି ଆଉ ଆସିଲା ବେଳେ କିନ୍ତୁ ଶୀଘ୍ର ଶୀଘ୍ର ଫେରି ଆସି ଯାଇଥାନ୍ତି।

ବାଇଶି ପାହାଚ ଚଢିବା ଆଗରୁ ଦର୍ଶନ ଦିଅନ୍ତି କାଶୀ ବିଶ୍ୱନାଥ। ବାଇଶି ପାହାଚର ମହିମା ମଧ୍ୟ ଅଦ୍ଭୁତ। କୁହାଯାଏ ଏହି ବାଇଶି ପାହାଚରେ ପ୍ରତ୍ୟେକ ଦେବାଦେବୀ ନିଜର କୃପା ବର୍ଷା କରନ୍ତି ଭକ୍ତମାନଙ୍କ ଉପରେ। ପ୍ରଥମ ପାଞ୍ଚୋଟି ପାହାଚକୁ ପଞ୍ଚେନ୍ଦ୍ରୀୟ ମନେ କରାଯାଏ।ଯାହା ଚଢିବା ପରେ ଭକ୍ତ ନିଜ ଇନ୍ଦ୍ରିୟ ସଂଯମକୁ ଶିଖିଯାଏ। ତା ପର ପାଞ୍ଚୋଟି ପାହାଚ ପଞ୍ଚବାୟୁର ପ୍ରତୀକ ମନେ କରାଯାଏ ଯାହା ନିରନ୍ତର ମନୁଷ୍ୟ ଶରୀରରେ ପ୍ରବାହିତ ହେଉଛି। ବିଶ୍ୱାସ ଅଛି ଏହି ପାଞ୍ଚଟି ପାହାଚ ଉଠିବା ସମୟରେ ମନୁଷ୍ୟ ନିଜ ନିଃଶ୍ୱାସ ପ୍ରଶ୍ୱାସ ଉପରେ ନିୟନ୍ତ୍ରଣ ଆଣିବା ମଧ୍ୟ ଶିଖିଯାଇଥାଏ। ପରବର୍ତ୍ତୀ ପାଞ୍ଚ ପାହାଚ ପଞ୍ଚବିକାରକୁ ବା ଶରୀରର ପାଞ୍ଚକ୍ରୀୟାକୁ ଦର୍ଶେଇ ଥାଆନ୍ତି। ଏହି ପାହାଚ ଗୁଡିକରେ ଉପରକୁ ଉଠିବା ସହିତ ମନୁଷ୍ୟ ନିଜ ଶରୀରର ବିକାର ସବୁ ଉପରେ ବିଜୟ ପାଇବା ଶିଖି ଯାଇପାରେ। ତା ପର ପାଞ୍ଚପାହାଚକୁ ପଞ୍ଚମହାଭୂତ ସହ ତୁଳନା କରାଯାଏ। ଏହି ପାହାଚ ସବୁ ଚଢିବା ସହିତ ବ୍ୟକ୍ତି ନିଜକୁ ପଞ୍ଚମହାଭୂତ ସହିତ ଏକାକାର ହେବାପରି ମନେକରି ଭୌତିକ ଜଗତରୁ ଊର୍ଦ୍ଧ୍ୱକୁ ଯିବା ପାଇଁ ସକ୍ଷମ ହୁଏ।ପରବର୍ତ୍ତୀ ପାହାଚକୁ ଜ୍ଞାନ କୁହାଯାଏ ଏବଂ ସବା ଶେଷ ପାହାଚଟି ନିଜ ମୁଁତ୍ୱ ବା ସ୍ୱହମ୍ କୁ ବୁଝାଏ। ଅତଏବ ଏହି ବାଇଶି ପାହାଚ ଚଢିବା ସହିତ ଜୀବାତ୍ମା ପରମାତ୍ମାଙ୍କ ନିକଟତର ହେବା ପାଇଁ ସବୁ ବାଧାବିଘ୍ନ ଅତିକ୍ରମ କରି ତାଙ୍କ ସହ ଭେଟ କରିବାକୁ ଯୋଗ୍ୟ ହୋଇଯାଏ। ପ୍ରକୃତରେ ଏହି ବାଇଶିଟି ଶୃଙ୍ଖଳ ମନୁଷ୍ୟ ଆତ୍ମାର ଗତିକୁ ତା ଶରୀର ସହିତ ଯୋଡ଼ି ଦେଇ ନିୟନ୍ତ୍ରଣ କରିଦେଇ ଥାଆନ୍ତି। ଆଉ ବିଶ୍ୱାସ ଅନୁଯାୟୀ ଶ୍ରୀମନ୍ଦିରର ବାଇଶି ପାହାଚ ଚଢିବା ସହିତ ମନୁଷ୍ୟ ଦେହ ଅପେକ୍ଷା ଦେହୀ ହେବାକୁ ଆରମ୍ଭ କରେ ଆଉ ବିଭୁ ଦର୍ଶନ ପାଇଁ ନିଜକୁ ପ୍ରସ୍ତୁତ କରେ। (କ୍ରମଶଃ)

+ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

ଶ୍ରୀ ବିଜୟ କୁମାର ପାଣିଗ୍ରାହୀ

# ଜଉକଣ୍ଢେଇ ବିବାହ ଉତ୍ସବ କେଉଁଥିପାଇଁ ?

ପ୍ରାକ୍ ଐତିହାସିକ କାଳରୁ ବାଲେଶ୍ୱରର ସମୃଦ୍ଧ ସାହିତ୍ୟ ଓ ସଂସ୍କୃତି ଅତ୍ୟନ୍ତ ରୁଚିମନ୍ତ ଓ ରୁଦ୍ଧିମନ୍ତ ହୋଇଥିବାରୁ ବ୍ରିଟିଶ ଶାସନ ସମୟରେ ତତ୍କାଳୀନ ପ୍ରଶାସକମାନେ ସ୍ତମ୍ଭୀଭୂତ ହୋଇ ପଢ଼ିଥିବାର ବିଭିନ୍ନ ନଜର ରହିଅଛି । ଏହି ଜିଲ୍ଲାର ବରପୁତ୍ର ଭାବେ ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ ଓ ରୀତି ଯୁଗୀୟ କବି ଦୀନକୃଷ୍ଣ ଦାସ ଆଦି ମହାପୁରୁଷମାନଙ୍କର ଅନବଦ୍ୟ ସାରସ୍ୱତ ସାଧନା ଓ ନିଷ୍ଠା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଚିରସ୍ମରଣୀୟ । ଓଡ଼ିଆ ଭାଷା ଓ ସଂସ୍କୃତିର ସ୍ୱତନ୍ତ୍ରତା ପାଇଁ ରାଜ୍ୟର ବହୁ ବିଶିଷ୍ଟ କବି, ଲେଖକ ଓ ପ୍ରାବନ୍ଧିକମାନେ ସେମାନଙ୍କର ଲେଖନୀ ଚାଳନା ଦ୍ୱାରା ଓଡ଼ିଆ ଭାଷାକୁ ସାରା ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ଭାଷାଭାବେ ପ୍ରତିଷ୍ଠା କରିବା ସହ ଏ ମାଟିର ସମୃଦ୍ଧ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇ ପାରିଛନ୍ତି । ସମାଜରୁ ସବୁ ପ୍ରକାର କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୃଢ଼ଭାବେ ବିରୋଧ କରି ଏକ ମାର୍ଜିତ ସଂସ୍କୃତି ସମ୍ପନ୍ନ ରାଷ୍ଟ୍ର ଗଠନ ପାଇଁ ସେମାନଙ୍କର ଅବଦାନ ଅତୁଳନୀୟ । ଏତଦ୍ ବ୍ୟତୀତ ଓଡ଼ିଶାର ଆରାଧ୍ୟ ଦେବତା ଜଗନ୍ନାଥ ମହାପ୍ରଭୁଙ୍କ ରୀତି ନୀତି ସଂସ୍କୃତି ଯାହା 'ଜଗନ୍ନାଥ ସଂସ୍କୃତି" ନାମରେ ପରିଚିତ ତାହା ସର୍ବତ୍ର ଗ୍ରହଣୀୟ । ଇତିହାସ ପୃଷ୍ଠାରୁ ଜଣାପଡ଼େ ବାଲେଶ୍ୱର ଏକ ପ୍ରାଚୀନତମ ସହର ଯେଉଁଠିକି ବିଦେଶୀମାନେ ଅର୍ଥାତ୍ ଫାରାସୀ, ଡ଼ଚ୍, ଓଲନ୍ଦାଜ ଏବଂ ଇଷ୍ଟ ଇଣ୍ଡିଆ କମ୍ପାନୀ ନୌଯାତ୍ରା କରି ପ୍ରଥମେ ଏ ମାଟିରେ ପାଦ ଥାପିଥିଲେ । ଯେଉଁଥିପାଇଁ କି ବାଲେଶ୍ୱର ସହରରେ ଆଜିବି କିଛି ଅଞ୍ଚଳର ନାମ ଓଲନ୍ଦାଜ ସାହି, ଫରାସୀ ଡିଙ୍ଗା, ଫିରିଙ୍ଗି, ପାଟଣା, ଡିଙ୍ଗାମାରଡ଼ିଙ୍ଗା ଆଦି ନାମରେ ସରକାରୀ କାଗଜ ପତ୍ରରେ ମଧ୍ୟ ଉଲ୍ଲେଖ ରହି ଅଛି । ବ୍ରିଟିଶ୍ ରାଜତ୍ୱର ତତ୍କାଳୀନ ଜିଲ୍ଲାପାଳ ଜନ୍ ବିମ୍ସ ମଧ୍ୟ ବାଲେଶ୍ୱରର ନିଆରା ସଂସ୍କୃତି ଉପରେ ତାଙ୍କର ମୂଲ୍ୟବାନ ମତାମତ ଅର୍ପଣ କରିଛନ୍ତି।

ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଯାହାକୁ ଆଧୁନିକ ଯୁଗ ବୋଲି ବିବେଚନା କରାଯାଇଛି, ଅନେକ ବ୍ୟକ୍ତି ନିଜକୁ ସମାଜରେ ସାହିତ୍ୟିକ, ସାହିତ୍ୟିକାଭାବେ ପ୍ରତିଷ୍ଠା କରି ରାଜନୈତିକ କ୍ଷମତା ଲାଳସାରେ ନିଜର ପ୍ରଚାରରେ ପ୍ରସଂଶିତ ହୋଇ ଆତ୍ମ ବିଭୋର ହେବା ପାଇଁ ଆମ୍ଭର ପୁରାତନ ସଂସ୍କୃତି ଓ ସାହିତ୍ୟ ପ୍ରତି ନଜର ନ ଦେଇ ବିଭିନ୍ନ ଅପ୍ରାସଙ୍ଗିକ ଲେଖାଲେଖି କରି ଆସୁଅଛନ୍ତି। ଓଡ଼ିଶା ସରକାରଙ୍କର କଳା ଓ ସଂସ୍କୃତି ବିଭାଗରେ ଥିବା ପଦସ୍ଥ ସରକାରୀ କର୍ମଚାରୀ ଓ ଉପଦେଷ୍ଟା ମଣ୍ଡଳୀର ସ୍ଥାଣୁତା ଓ ନିରବତା ଫଳରେ ଶତାଧିକ ଲେଖକ ସେମାନଙ୍କର ସ୍ୱାର୍ଥ ସାଧନ ପାଇଁ ପତ୍ର ପତ୍ରିକା ଗଣମାଧ୍ୟମ ଓ ବହୁଳଭାବେ ବ୍ୟବହୃତ ହେଉଥିବା ଇଣ୍ଟରନେଟର ଫେସବୁକ, ହ୍ୱାଟ୍ସଆପ ଓ ଇନ୍‌ଷ୍ଟାଗ୍ରାମ ଜରିଆରେ ସେମାନଙ୍କର କବିତା ଗଳ୍ପ ଆଦି ନିର୍ବିଘ୍ନରେ ଓ ନିରଙ୍କୁଶ ଭାବେ ପରିପ୍ରକାଶ କରି ଆସୁଥିଲେ ହେଁ ସଂସ୍କୃତି ବିଭାଗ ସେଥିପ୍ରତି ନିଦା ବିଷ୍ଣୁ ହୋଇ ରହିଅଛି । ଯାହା ଫଳରେ କିଛି ନ୍ୟର୍ଥ ସ୍ୱାର୍ଥ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ ସମାଜର ବଡ଼ ପଣ୍ଡା ହେବା ପାଇଁ ବାଲେଶ୍ୱରର ସମୃଦ୍ଧ ପୁରାତନ ସଂସ୍କୃତି, ସାହିତ୍ୟ ଓ କଳାକୁ ଉଜ୍ଜୀବିତ କରିବା ଆଳରେ ସମ୍ମିଳନୀ, ଓ ମହୋତ୍ସବ ଆଦି କରି ରାଜନୈତିକ ପୃଷ୍ଠ ପୋଷକତା ସାଧନ କରିବାରେ ବ୍ୟସ୍ତ ରହିଛନ୍ତି। ଜିଲ୍ଲା ପ୍ରଶାସନର କେତେକ ପଦସ୍ଥ ଅଫିସର ଏଭଳି ଅପସଂସ୍କୃତିକାରୀ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ଅତିଥିଭାବେ ଯୋଗଦାନ କରି ସଭାମଣ୍ଡନ କରିବାରେ ମଧ୍ୟ ଦୃଷ୍ଟି ଗୋଚର ହେଉଅଛି ।

କିଛି ବର୍ଷ ହେଲା ବାଲେଶ୍ୱର ସହରର ପୁରାତନ ସଂସ୍କୃତି ଓ ଲୋକକଳା ଉଜ୍ଜୀବିତ କରିବା ଆଳରେ "ଜଉ କଣ୍ଢେଇ ବାହାଘର ଉତ୍ସବ କମିଟି" ନାମକ ଏ ସଂସ୍ଥା ବିବାହ ଭଳି ଏକ ପବିତ୍ର ଓ ସମ୍ବେଦନଶୀଳ ସାମାଜିକ ବୈଦ୍ୟ ବ୍ୟବସ୍ଥାକୁ ଭ୍ରୂକ୍ଷେପ ନକରି ଭ୍ରାନ୍ତ ଧାରଣା ଜନ୍ମାଇ ନିଷ୍ପ୍ରାଣ ଜଉରେ ନିର୍ମିତ କଣ୍ଢେଇର ନାମ ସାହିତ୍ୟ ଜଗତର ଅଳଙ୍କୃତ କରିଥିବା ବିଭିନ୍ନ ନାମକୁ ବରକନ୍ୟା କଣ୍ଢେଇର ନାମରଖି ମହାଆଡ଼ମ୍ବରରେ ଜଉ କଣ୍ଢେଇ ବାହାଘର ଉତ୍ସବ ଆୟୋଜନ କରୁଛନ୍ତି । ଏଡାକୁ ଲକ୍ଷ୍ୟ କରି ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ "ବାପା" ତରଫରୁ ବିରୋଧକରି ପ୍ରଶାସକଙ୍କ ନିକଟରେ ତୁରନ୍ତ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଦାବି ରଖିବା ସହ ୨୦୧୬ ମସିହାରେ ବାଲେଶ୍ୱରର କେତେକ ବରିଷ୍ଠ ଶିକ୍ଷାବିତ୍, ସାହିତ୍ୟିକ, ସଂସ୍କୃତିପ୍ରେମୀ ଏବଂ ବୁଦ୍ଧିଜୀବୀମାନଙ୍କ ସହ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ବିଷଦ ଭାବେ ଆଲୋଚନା ହୋଇ "ଜଉ କଣ୍ଢେଇ ବାହାଘର" ବାଲେଶ୍ୱରର ପୁରାତନ ଲୋକକଳା ଓ ସଂସ୍କୃତି ନୁହେଁ ବୋଲି ଶେଷ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ଅତୀତରେ ପୁରାତନ ଗ୍ରନ୍ଥ ଅନୁଧ୍ୟାନ କରିବାରେ ଜଣାପଡ଼ିଥିଲା କି ଜଉ କଣ୍ଢେଇ ବାହାଘର ବାଲେଶ୍ୱର ଜିଲ୍ଲାର ପୁରାତନ କଳା ଓ ସଂସ୍କୃତି ଥିବାର କୌଣସିଠାରେ ଉଲ୍ଲେଖ ନାହିଁ ବରଂ ଅତୀତରେ ବାଲ୍ୟ ବିବାହ ଆଦିକୁ ବିରୋଧ କରି ବ୍ୟାସକବି ଫକୀର ମୋହନ, ରାଜା ରାମମୋହନ ରାୟ ଆଦି ବିଶିଷ୍ଟ ବ୍ୟକ୍ତିମାନେ ସମାଜରୁ ତଦ୍ରୁପ ବ୍ୟବସ୍ଥାକୁ ବିଲୋପ କରିବାରେ ସଫଳ ହୋଇଥିଲେ । ସାରଳା ଯୁଗରେ, ପଞ୍ଚସଖା ଯୁଗରେ, ରୀତି ଯୁଗରେ, ସବୁଜ ଯୁଗରେ କିମ୍ବା ଆଧୁନିକ ଯୁଗରେ ମଧ୍ୟ ଜଉ କଣ୍ଢେଇ ବିବାହ ବାଲେଶ୍ୱରର ପୁରାତନ କଳା ଓ ସଂସ୍କୃତି ଥିବା ବିଷୟ କୌଣସିଠାରେ ଉଲ୍ଲେଖ ନାହିଁ । ବ୍ୟାସକବି ଫକୀର ମୋହନ ସେନାପତି ମଧ୍ୟ କୌଣସି ପୁସ୍ତକରେ ସେ ସମ୍ପର୍କରେ ଉଲ୍ଲେଖ କରିନାହାନ୍ତି । ଜଗନ୍ନାଥ ସଂସ୍କୃତିରେ ଓ ମାଦଳା ପାଞ୍ଜିରେ ମଧ୍ୟ ଜଉ କଣ୍ଢେଇ ବାଲେଶ୍ୱର ଜିଲ୍ଲାର ପୁରାତନ କଳା ଓ ସଂସ୍କୃତି ଥିବା ବିଷୟ ଉଲ୍ଲେଖ ନାହିଁ। ଆହୁରି ଅଧିକ ସ୍ପଷ୍ଟୀକରଣ ପାଇଁ ଗତ ତା୨୨/୦୬/୨୦୧୬ ରିଖରେ "ବାପା" ସଂଗଠନ ତରଫରୁ ବାଲେଶ୍ୱର ଜିଲ୍ଲାର ସଂସ୍କୃତି ବିଭାଗରୁ ଜଉ କଣ୍ଢେଇ ବିବାହ ସଂପର୍କରେ ସୂଚନା ପ୍ରଦାନ କରିବା ପାଇଁ ଅନୁରୋଧ କରାଯିବାରେ ଜିଲ୍ଲା ସଂସ୍କୃତି ଅଧିକାରୀ ଗତ ତା୧୨.୦୭.୨୦୧୬ ରିଖ ପତ୍ର ସଂ-୧୬୭ ମୁତାବକ ସୂଚନା ଦେଇଥିଲେ କି;

୧) ବାଲେଶ୍ୱରରେ କୌଣସି ଜଉ କଣ୍ଢେଇ ଉତ୍ସବ କମିଟି ନାମରେ କୌଣସି ରେଜିଷ୍ଟାର୍ଡ଼ ସଂଗଠନ ନାହିଁ ।

୨) ବାଲେଶ୍ୱର ଜିଲ୍ଲାର ଜଉ କଣ୍ଢେଇ ବାହାଘର ଉତ୍ସବ ଜିଲ୍ଲାବାସୀଙ୍କର ପୁରାତନ କଳା ଓ ସଂସ୍କୃତି ନୁହେଁ ।

୩) ବାଲେଶ୍ୱର ଜିଲ୍ଲା ସଂସ୍କୃତି ବିଭାଗରେ ଜଉ କଣ୍ଢେଇ ବିବାହ ଉତ୍ସବ ପୁରାତନ ସଂସ୍କୃତି ବା ଲୋକକଳା ଥିବାର କୌଣସି ଲିଖିତ ଗ୍ରନ୍ଥ ନାହିଁ।

୪) "ବାପା" ସଂଗଠନ ତରଫରୁ ଏଭଳି ଜଉ କଣ୍ଢେଇ ବାହାଘର ଉତ୍ସବକୁ ଦୃଢ଼ଭାବେ ବିରୋଧ କରାଯାଇଥିଲେ ହେଁ ଦୁର୍ଭାଗ୍ୟର ବିଷୟ ଏ ପର୍ଯ୍ୟନ୍ତ ରାଜ୍ୟ ସଂସ୍କୃତି ବିଭାଗ କିମ୍ବା ସରକାରଙ୍କ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ ।

ସେଥିପାଇଁ ବାଧ୍ୟ ହୋଇ ବାଲେଶ୍ୱରର ସମୃଦ୍ଧ ସାହିତ୍ୟ ଓ ସଂସ୍କୃତିକୁ ରକ୍ଷାକରିବା ପାଇଁ ବାଲେଶ୍ୱର ସିଭିଲ ଜଜ୍ (ଜୁନିୟର ଡ଼ିଭିଜନ)ରେ ଦେୱାନି ମୋକଦ୍ଦମା ନଂ ୮୫୬/ ୨୦୧୭ ମୋକଦ୍ଦମା ଓଡ଼ିଶା ସରକାର, ନିର୍ଦ୍ଦେଶକ କଳା ଓ ସଂସ୍କୃତି ବିଭାଗ ଓଡ଼ିଶା, ବାଲେଶ୍ୱର ଜିଲ୍ଲାପାଳ ଓ ଜଉ କଣ୍ଢେଇର ବାହାଘର ଉତ୍ସବ କମିଟିର ମୁଖ୍ୟ କାର୍ଯ୍ୟକର୍ତ୍ତାମାନଙ୍କ ବିରୁଦ୍ଧରେ ଆଗତ ହେବାରେ ତାହା ବିଚାରାଧୀନ ଅଛି । ସବୁଠୁ ଦୁର୍ଭାଗ୍ୟ ପୂର୍ଣ୍ଣ ବିଷୟ ହେଉଛି, କ୍ରମାଗତ ଭାବରେ ଏହାକୁ ଗଣପର୍ବ କରିବା ପାଇଁ କିଛି ବ୍ୟକ୍ତି ପ୍ରୟାସ ଜାରି ରଖିଛନ୍ତି। ଏ ବର୍ଷ ମଧ୍ୟ ବହୁ ଆଡ଼ମ୍ବରରେ ବାଲେଶ୍ୱର ମିଶନ ପଡ଼ିଆରେ ପାଞ୍ଚ ଦିନ ବ୍ୟାପି କାର୍ଯ୍ୟକ୍ରମ ହୋଇଥିଲା ଏବଂ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଓ ବିଭିନ୍ନ ଲୋକ ପ୍ରତିନିଧିମାନେ ଅତିଥିଭାବେ ସଭା ମଣ୍ଡନ କରି ଏହାକୁ ବନ୍ଦ କରିବା ପରିବର୍ତ୍ତେ ପ୍ରୋତ୍ସାହନ ଦେଉଥିବା କେତେ ଯୁକ୍ତିଯୁକ୍ତ, ତାହା ବାଲେଶ୍ୱର ଜଗସାଧାରଣ ବିଚାର କରିବେ ଏବଂ ଆଗାମୀ ଦିନରେ ଏହାର ଯଥାର୍ଥତା ପ୍ରତିପାଦିତ ହେବ ।

+ ଆଇନଜିବୀ, ବାଲେଶ୍ୱର

(ଏହା ଲେଖକଙ୍କ ନିଜସ୍ୱ ମତ, ମତାମତ ପାଇଁ ସମ୍ପାଦିକା ଦାୟୀ ନୁହନ୍ତି )

# ପ୍ରାକୃତିକ ବିପର୍ଯ୍ୟୟ କର୍ମଶାଳା

ଚମ୍ପୁଆ, ୧୯/୬ (ନି.ପ୍ର): ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିଷଦର ବରିଷ୍ଠ କିରାଣୀ ପ୍ରକାଶ ଚନ୍ଦ୍ର କୁଣ୍ଡୁଙ୍କ ତତ୍ତ୍ୱାବଧାନ ରେ ସ୍ଥାନୀୟ ଧରଣୀଧର ନଗର ଭବନରେ ଅନୁଷ୍ଠିତ ଏହି ବୈଠକରେ ଉପଖଣ୍ଡ ଚିକିତ୍ସାଧିକାରୀ ଡ. ଉମାକାନ୍ତ ସାହୁ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁମିତ୍ରା ତ୍ରିପାଠୀ, ଅଗ୍ନିଶମ ଅଧିକାରୀ ଗୌରାଙ୍ଗ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଡ. ଉମାକାନ୍ତ ସାହୁ ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ଓ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଅଗ୍ନିଶମ ଅଧିକାରୀ ଗୌରାଙ୍ଗ ସିଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଗ୍ନିଶମ ବାହିନୀର ପ୍ରମୁଖ ଭୂମିକା ସମ୍ପର୍କରେ ବିଶଦ ଭାବେ ଆଲୋକପାତ କରିଥିଲେ। ପରିଷଦ ପକ୍ଷରୁ ବିଜୟ କୁମାର ମିଶ୍ର, ସତ୍ୟବାନ୍ ନାଏକ, ସ୍ୱର୍ଣ୍ଣପ୍ରଭା ମହାରଣା, ମମତା ସେନାପତି, ସୁଚିସ୍ମିତା ପଶାୟତ ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ସ୍ୱଚ୍ଛ ସାଥୀ ବିଶାଖା ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ନାଏକ, ପଦ୍ମାବତୀ ରାଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସିଟି ମିଶନ ମ୍ୟାନେଜର ଅନନ୍ତ ଚରଣ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସମାନ ଶିକ୍ଷା ପ୍ରଦାନ କରିବା ପାଇଁ ତ୍ରିପାକ୍ଷିକ ଏମଓୟୁ

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଭଲ ଶିକ୍ଷା ପାଇଁ ପ୍ରଭାବଶାଳୀ ବିକଳ୍ପ ପ୍ରସ୍ତୁତ କରିବା ଆମର ଦାୟିତ୍ୱ : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୯/୬ (ନି.ପ୍ର): ଦିବ୍ୟାଙ୍ଗଜନଙ୍କ ପାଇଁ ସମାନ ଶିକ୍ଷା ସୁନିଶ୍ଚିତ କରିବା ଏବଂ ସମାବେଶୀ ଭାରତ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବୁଧବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ଡ. ବୀରେନ୍ଦ୍ର କୁମାରଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି ।

ଡିପାର୍ଟମେଣ୍ଟ ଅଫ୍ ଏମ୍ପାଓ୍ୱାରମେଣ୍ଟ୍ ଅଫ୍ ପର୍ସନ ୱିଥ୍ ଡିଜାବିଲିଟି (ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ), ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ (ଏନଆଇଓଏସ) ଏବଂ ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏନସିଇଆରଟି), ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଏବଂ ସମାନ ଶିକ୍ଷା ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ବିଚାର । ଆଜିର ବୁଝାମଣାପତ୍ର ଜାତୀୟ ଶିକ୍ଷା ନୀତିର ଏହି ଭାବନାକୁ ଆଗକୁ ବଢ଼ାଇବା ଦିଗରେ ଏକ ଭଲ ପ୍ରୟାସ । ଏହି ବୁଝାମଣାପତ୍ର ଦିବ୍ୟାଙ୍ଗ ପିଲାମାନଙ୍କୁ ଶିକ୍ଷାର ସମାନ ସୁଯୋଗ ପ୍ରଦାନ କରିବା, ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବା, ଶିକ୍ଷାରେ ସମସ୍ତଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଏବଂ ଏକ ସମାବେଶୀ ଭାରତ ଗଠନ କରିବାରେ ଏକ ମାଇଲଖୁଣ୍ଟ ପ୍ରମାଣିତ ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିବ୍ୟାଙ୍ଗଜନ ଶବ୍ଦ ବ୍ୟବହାର କରି ସମାଜରେ ଏହି ବର୍ଗ ପ୍ରତି ସମ୍ମାନ ଏବଂ ସମ୍ବେଦନଶୀଳତା ବିଷୟରେ ଯେଉଁ କଥା କହିଥିଲେ, ତାହା ଆମ ପାଇଁ ପ୍ରେରଣାର ଉତ୍ସ। ଆଜି ସମାଜରେ ଭିନ୍ନକ୍ଷମ ବିଷୟରେ ଅଧିକ ସମ୍ବେଦନଶୀଳତା ଏବଂ ବୁଝାମଣା ବୃଦ୍ଧି କରିବାର ଆବଶ୍ୟକତା ରହିଛି । ଦିବ୍ୟାଙ୍ଗ ପିଲାମାନଙ୍କୁ ଏକ ସମ୍ମାନଜନକ ଜୀବନ ପ୍ରଦାନ କରିବା ଏବଂ ସେମାନଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ସେମାନଙ୍କ ଶିକ୍ଷା ପାଇଁ ପ୍ରଭାବଶାଳୀ ବିକଳ୍ପ ପ୍ରସ୍ତୁତ କରିବା ଆମର ଦାୟିତ୍ୱ । ଏହି ଦାୟିତ୍ୱକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ଶିକ୍ଷା ମନ୍ତ୍ରଣାଳୟ ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଦାୟିତ୍ୱ। ଏନସିଇଆରଟି ଏବଂ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନକୁ ଟେକ୍ନୋଲୋଜି ଏବଂ ସମାଜର ସହଭାଗୀତା ସହ ଦିବ୍ୟାଙ୍ଗଜନ ସହ ଜଡ଼ିତ ନୀତିଗୁଡ଼ିକର ଡି-କୋଡ଼ିଫାଏ ଏବଂ ବିସ୍ତାର କରିବା ପାଇଁ ପ୍ରଚେଷ୍ଟା କରିବା ଉଚିତ୍ । ଦିବ୍ୟାଙ୍ଗମାନଙ୍କ ପାଇଁ ସମାନତା, ସୁଗମତା ଏବଂ ସମ୍ବେଦନଶୀଳତା ଭଳି ପ୍ରସଙ୍ଗରେ ସମାଜରେ ଦାୟିତ୍ୱବୋଧ ବୃଦ୍ଧି କରିବା ଦରକାର । ଏଥିପାଇଁ ଆଗାମୀ ଦିନରେ, ଶିକ୍ଷା ମନ୍ତ୍ରଣାଳୟ ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ମିଳିତ ଭାବରେ ଜାତୀୟ ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଆଇନ ୨୦୧୬ ଏବଂ ଜାତୀୟ ଶିକ୍ଷା ନୀତିର ଆଲୋକରେ କ୍ରିୟାନ୍ୱୟନ ଉପରେ ଏକ ଜାତୀୟ ସ୍ତର ବିତର୍କ କରିବା ଉଚିତ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି।

ଉଲ୍ଲେଖନୀୟ ଯେ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ ଶିକ୍ଷାକୁ ଆଗକୁ ବଢାଇବାରେ ଏହି ବୁଝାମଣାପତ୍ର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହା ଭିନ୍ନକ୍ଷମ ବ୍ୟକ୍ତି ଅଧିକାର ଆଇନ, ୨୦୧୬ଏବଂ ଜାତୀୟ ଶିକ୍ଷା ନୀତି ସମନ୍ୱୟରେ ଦିବ୍ୟାଙ୍ଗଜନଙ୍କ ପାଇଁ ସୁଲଭ, ଉଚ୍ଚ-ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ସହଯୋଗୀ ଢାଞ୍ଚା ସ୍ଥାପନ କରିବ ।

# ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ




ବାଲିଆପାଳ , ୧୯/୬ (ନି.ପ୍ର): ଓଡିଶାର ଅନ୍ୟତମ ପ୍ରସିଦ୍ଧ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ରଥଯାତ୍ରା ପାଇଁ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପରିଚାନା କମିଟିର ବରିଷ୍ଠ ସଦସ୍ୟ ମୂରଲୀ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଚଳିତ ବର୍ଷ ରଥଯାତ୍ରା ର ସୁପରିଚାଳନା ପାଇଁ ରଥଯାତ୍ରା କମିଟି ଏବଂ ପ୍ରଶାସନ ପକ୍ଷରୁ ସମସ୍ତପ୍ରକାର ସୁ ବନ୍ଦୋବସ୍ତ ପାଇଁ ସବିଶେଷ ଆଲୋଚନା ହୋଇଥିଲା ଚଳିତବର୍ଷ ଜୁନ ୨୭ ତାରିଖରେ ଶ୍ରଦ୍ଧାପତିଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇ ହେରାପଞ୍ଚମୀ,ବାହୁଡାଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେବା ନେଇ ସବିଶେଷ ଆଲୋଚନା ହୋଇଥିଲା । ଅପରାହ୍ନ ୪ଟାରେ ପହଣ୍ଡିବିଜେ କରାଯାଇ ୫ଟାରେ ରଥଟଣା ହେବ । ମଧୁପୁରା ପଞ୍ଚାୟତ ରଥଖଳା ଠାରୁ ବାଲିଆପାଳ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ମାଉସୀମା ବାଡି ପର୍ଯ୍ୟନ୍ତ ତିନି ରଥରେ ତିନିଠାକୁରଙ୍କୁ ବସାଇ ଭକ୍ତମାନେ ସୁରୁଖୁରରେ ରଥକୁ ଟାଣି ନେବା ପାଇଁ ବ୍ୟପାକ ପୋଲିସ ବ୍ୟବସ୍ଥା ସାଙ୍ଗକୁ ୧୦୦ଜଣରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିଯୁକ୍ତ କରାଯିବ । ସେହିପରି ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପିଇବା ପାଣିର ବ୍ୟବସ୍ଥା ସାଙ୍ଗକୁ ଆଶୁଚିକିତ୍ସା କେନ୍ଦ୍ର ଖୋଲାଯିବା ନେଇ ଆଲୋଚନା ହୋଇଥିଲା । ମାଉସୀମା ମନ୍ଦିର ପ୍ରାଙ୍ଗଣରେ ପ୍ରତିଦିନ ସନ୍ଧ୍ୟାରେ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ବସ୍ତା ବିଧାୟିକା ସୁବାସିନୀ ଜେନା, କଂଗ୍ରେସ ନେତା ବିଜନ ନାୟକ, ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରଫୁଲ୍ଲ ସାହୁ, ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ମଧୁସୂଦନ ବାରିକ, ମଧୁସୂଦନ ସାହୁ, ପ୍ରିୟନାଥ ସେଠୀ,ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ରମାନାଥ କର,ତହସିଲ ବଡ଼ବାବୁ ଭୂତି ଟୁଡୁ, ଦିବ୍ୟକାମ ମହାନ୍ତି, ଅସିତ ପଟ୍ଟନାୟକ, ବ୍ୟୋମକେଶ ସାହୁ, ଜଗନ୍ନାଥ ବାରିକ,ଅରୁଣ କୁମାର ପାତ୍ର, ଭାସ୍କର ଚନ୍ଦ୍ର ସାହୁ, ବନମାଳୀ ମହାପାତ୍ର ଉମାକାନ୍ତ ନାୟକ,ଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ,ଏବଂ ବିଭିନ୍ନ ପଞ୍ଚାୟତର ବହୁ ନେତୃବୃନ୍ଦ,ଜଗନ୍ନାଥ ପ୍ରେମୀ ଓ ବିଭିନ୍ନ ବିଭଗାର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରତେ ଅଂଶଗ୍ରହଣ କରିଥିଲେ ।

ADMISSION OPEN

BAISINGA I.T.I

: TRADE :
FITTER & ELECTRICIAN
Affiliated to NCVT, Govt. of India, New Delhi
Baisinga, Mayurbhanj, Odisha
9937861296
7846866623, 8327799536

ନାମ ଲେଖା ଚାଲୁଅଛି
SAI SADHANA
ସାଇ ସାଧନା ଶିଶୁ ବିଦ୍ୟାମନ୍ଦିର
୧ମରୁ ୧୦ମ. (ଓଡ଼ିଆ ମାଧ୍ୟମ)
ସାଇ ସାଧନା+୨ ସାଇନ୍ସ ଏବଂ ଆର୍ଟସ (ଉଦଳା)
ସାଇ ସାଧନା + ୩ ସାଇନ୍ସ
Hons : Phy., Chem., Math., Comp. Sc, Bot, Zool
ରେସିଡେନସିଆଲ / ଡେ ବୋଡ଼ିଂ
ସାଇସାଧନା ସେବାଶ୍ରମ - ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
(+୨ ବିଜ୍ଞାନ ଓ କଳା)
Contact : 9437294587, 9438317887



# ଫୁଲବାଣୀରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜିତ

କନ୍ଧମାଳ , ୧୯/୬ (ନି.ପ୍ର): ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ, ଫୁଲବାଣୀ ଠାରେ ମିଶନ ଶକ୍ତି ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ବ୍ଲକ ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ସ୍ୱୟଂ ସହାୟିକ ଗୋଷ୍ଠୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ଦହି ପଖାଳ,ମାଛ ପତ୍ର ପୋଡ଼ା,ମଣ୍ଡା ପିଠା, କାଙ୍ଗୁ ବାଜରା ପୋଡ଼ ପିଠା, ମାଣ୍ଡିଆ ସୁପ୍, ଶାଗ ପକୁଡ଼ି, ମାଣ୍ଡିଆ କେକ୍ ଆଦି ବିଭିନ୍ନ ପ୍ରକାରର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସ୍ନେହଲତା ସାହୁ,ସି.ଏସ୍.ଓ ଡ଼ ଜ୍ଞାନେନ୍ଦ୍ରିୟ ମିଶ୍ର ଓ ଖାଦ୍ୟ ନିରୀକ୍ଷକଙ୍କୁ ନେଇ ଗଠିତ ପାଞ୍ଚ ଜଣିଆ ବିଚାରକ ମଣ୍ଡଳୀ ଖାଦ୍ୟର ସ୍ୱାଦ, ପରିଷ୍କାର ପରିଚ୍ଛନ୍ନତା, ପ୍ରତିଯୋଗୀଙ୍କ ବେଶଭୂଷା, ସେମାନଙ୍କ ଉପସ୍ଥାପନାର ଶୈଳୀ ଆଦିକୁ ଆଧାର କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପ୍ରତିଯୋଗୀ ଚୟନ କରିଥିଲେ। ଦୀପ୍ ରେଖା, ସ୍ୱୟଂ ସହାୟିକ ଗୋଷ୍ଠୀ,ଜି. ଉଦୟଗିରି,ମାଁ ତାରିଣୀ, ସ୍ୱୟଂ ସହାୟିକ ଗୋଷ୍ଠୀ, ଟିକାବାଲି, ମାଁ ବିମଳା, ସ୍ୱୟଂ ସହାୟିକ ଗୋଷ୍ଠୀ, ଫିରିଙ୍ଗିଆ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଦଶ ହଜାର,ଆଠ ହଜାର ଓ ଛଅ ହଜାର ଲେଖାଏଁ ପୁରସ୍କାର ରାଶି ସହିତ ମାନପତ୍ର ଓ ସ୍ମରଣିକା ଆଦି ଅତିଥିମାନଙ୍କଠାରୁ ଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ସ୍ୱୟଂ ସହାୟିକ ଗୋଷ୍ଠୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଅତିଥିମାନେ ଶୁଭେଚ୍ଛା ଦେବା ସହିତ ରାଜ୍ୟସ୍ତରରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାର ମାନ ରଖିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମଧ୍ୟ ଅତିଥିମାନେ ମାନପତ୍ର ଓ ସ୍ମରଣିକା ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡି.ପି.ସି,ମିଶନ ଶକ୍ତି ଶ୍ରୀ ରାମା ତାଣ୍ଡି ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ଗଦାଧର ପାତ୍ର, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡ଼ା ଶ୍ରୀ କୃପାସିନ୍ଧୁ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ଶ୍ରୀ ସୋମ୍ୟରଞ୍ଜନ ପାତ୍ର, ମିଶନ ଶକ୍ତି ବିଭାଗର କର୍ମଚାରୀ, ସ୍ୱୟଂ ସହାୟିକ ଗୋଷ୍ଠୀର ସଦସ୍ୟା, ଜନସାଧାରଣ ଓ ଗଣମାଧମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସମ୍ବଲପୁରରେ ବିକାଶ ବାହନ

ସମ୍ବଲପୁର, ୧୯/୬ (ନି.ପ୍ର): ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିବା ସହ ଅପହଞ୍ଚ ଅଞ୍ଚଳର ଲୋକଙ୍କୁ ସରକାରୀ ଯୋଜନାର ସଫଳତାର କାହାଣୀ ଏବଂ ବିଭିନ୍ନ କଲ୍ୟାଣକାରୀ ସେବା ଗୁଡିକୁ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ସମସ୍ତ ଜିଲ୍ଲାରେ 'ବିକାଶ ବାହନ' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ପଞ୍ଚାୟତରେ ଏକ ଶିବିର ମଧ୍ୟ ଆୟୋଜିତ ହୋଉ ଅଛି ଯେଉଁଠିରେ ନାଗରିକ ମାନେ ବିଭିନ୍ନ ସହାୟତା ପ୍ରଦାନ କରାଯାଉଛି। ଆଜି ସମ୍ବଲପୁର ଜିଲ୍ଲାର ଅନ୍ତ୍ୟୋଦୟ ଗୃହ ଯୋଜନା ରେ ୬୮ଟି କାର୍ଡ ବଣ୍ଟନ ଓ ୮୧ ଟି ଆପ୍ଲିକେସନ ଗ୍ରହଣ କରାଯାଇଛି ।

# ଗଞ୍ଜାମ ଜିଲ୍ଲାକୁ ଡେଙ୍ଗୁ ଭୟ

ଗଞ୍ଜାମ, ୧୯/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଡେଙ୍ଗୁ ପ୍ରବଣ ଅଂଚଳ ରୂପେ ବବିବେଚିତ। ବର୍ଷାଋତୁ ଆସିବା ମାତ୍ର ଜନସାଧାରଣଙ୍କୁ ଏଠାରେ ଡେଙ୍ଗୁ ଭୟ ଘାରିଥାଏ ଓ ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ଚିନ୍ତିତ କରଦେଉଛି। ଚଳିତ ବର୍ଷ ଶୀଘ୍ର ମୌସୁମୀ ଆସି ବର୍ଷା ମଧ୍ୟ ଲଗାତର ଚାଲିଛି। ଏହାସହ ଜିଲ୍ଲାରେ ଡେଙ୍ଗୁର ପ୍ରକୋପ ଦେଖାଦେଲାଣି। ସରକାରୀ ଭାବେର ବର୍ତ୍ତମାନ ସୁଦ୍ଧା ଜିଲାରୁ ସାତଜଣ ଡେଙ୍ଗୁ ପେଜଟିଭ ଭଚାବେ ଚିହ୍ନଟ ହୋଇଛନ୍ତି। ତେବେ ଏହି ସଂଖ୍ୟା ୨୦ରୁ ଉର୍ଦ୍ଧ୍ୱ ବୋଲି କୁହାଯାଉଛି। ଗଞ୍ଜାମ ଜିଲ୍ଲାର ଶେରଗଡ଼ ଅଂଚଳ ମଧ୍ୟ ଡେଙ୍ଗୁ, ମ୍ୟାଲେରିଆ ଓ ହଇଜା ସଂକ୍ରମଣ ପ୍ରବଣ ଅଂଚଳ ରୂପେ ଜଣାଶୁଣା।

# ବିଧବା ମହିଳାଙ୍କ ଦୁଃଖ: ଅଢେଇ ମାସ ହେଲା ଶୁଣୁନି ପାଟଣା ଥାନା

ପାଟଣା , ୧୯/୬ (ନି.ପ୍ର): ଜଣେ ବିଧବା ମହିଳା ଯେ କି କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳରେ ରୁହନ୍ତି । ତାଙ୍କ ନାବାଳିକା ଝିଅକୁ ପାଖ ହରିଚନ୍ଦନପୁର ଥାନା ଅଞ୍ଚଳର ଜଣେ ଯୁବକ ନାନା ସ୍ୱପ୍ନ ଦେଖାଇ ଅଢେଇ ମାସ ତଳୁ କେଉଁ ଆଡେ ନେଇଯାଇଛନ୍ତି । ସେ ନେଇ ପାଟଣା ଥାନାରେ ବାପ ଛେଉଣ୍ଡ ନାବାଳିକା ଝିଅର ମା ଦିପ୍ତିମୟୀ ପତି ଗତ ଏପ୍ରିଲ ମାସ ୨ତାରିଖରୁ ପାଟଣା ସଂପର୍କରେ ଥାନାରେ ଏତଲା ଦେଇଥିଲେ ବି ଥାନା ବାଲା ଆଜି ଯାଏ ତାଙ୍କର ଏକଥା ବୁଝିନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ମହିଳା ଜଣକ ଥାନାରେ ଦେଇଥିବା ଲିଖିତ ଅଭିଯୋଗ କଲା ପରେ ପୁଲିସି କେବଳ ବିଏନଏସ ୨୦୨୩ ଅନୁଶାରେ ଧାରା ୧୩୭(୨) ରେ ମାମଲା ରୁଜୁ କରିଦେଇ ଚୁପ ହୋଇ ବସିଛି । ମହିଳା ଜଣଙ୍କ କହିବା ଅନୁସାରେ ତାଙ୍କ ଝିଅକୁ ୧ ଏପ୍ରିଲ ୨୦୨୫ ସନ୍ଧ୍ୟାରେ ପାଖ ଗ୍ରାମ ଠାକୁରପଡା, ଥାନା ହରିଚନ୍ଦନପୁରର ଅମର ମହାନ୍ତ ନାମକ ଯୁବକ କେଉଁ ଆଡେ ନେଇ ଚାଲିଯାଇଛି । ଅଭିଯୁକ୍ତ ଯୁବକ ଅତୀତରେ ଗୋଟିଏ ନାବାଳିକା ଝିଅକୁ ଏମିତି ବାହା ହୋଇଥିଲା, ପରେ ବିବାଦ ହେବାରୁ ତାକୁ ଛାଡି ଦେଇଥିଲା, ବିଭିନ୍ନ ସମୟରେ ଏମିତି ନାବାଳିକା ଝିଅ ମାନଙ୍କୁ ଜାଲରେ ଫସାଇବା ଏ ଯୁବକର ଅଭ୍ୟାସ ଓ ସେ ଆଦୌ ଭଲପିଲା ନେହେଁ ବୋଲି ନାବାଳିକାର ମା କହିଛନ୍ତି । ଏହି ଘଟଣା ସଂପର୍କ ଅପହରଣକାରୀ ଯୁବକର ମା ଓ ବାପା ସବୁ କଥା ଜାଣନ୍ତି ସେମାନଙ୍କୁ ପୁଲିସ ଧରି ସଠିକ ହିସାବରେ ପଚରା ଉଚରା କଲେ ସବୁ କଥା ଜଣାପଡିଜିବ ବୋଲି ଅପହୃତାର ମା କହିଛନ୍ତି । ନିଜ ଝିଅର ଏଭଳି ଘଟଣାକୁ ନେଇ ମହିଳା ଜଣକ ଥାନାରେ ଜଣାଇବା ସହ ଚାରିଆଡେ ଖୋଜା ଖୋଜି କଲାପରେ ବି ଝିଅର କୌଣସି ଖବର ପାଇପାରୁନାହାନ୍ତି । ଥାନା ବାଲାଙ୍କୁ ପଚରିବାରୁ ସେମାନେ ମଧ୍ୟ କିଛି କହୁନାହାନ୍ତି । ତେଣୁ ନିରିହା ବିଧବା ମହିଳା ଜଣକ ମାନସିକ ଚାପରେ ରହିଥିବା ଅଭିଯୋଗ ହୋଇଛି । ଅପହୃତ ଝିଅଟି ବୟସ ମାତ୍ର ୧୭ ବର୍ଷ ସେ ଏବେ ନାବାଳିକା ତେଣୁ ଏ ଦିଗକୁ ପୁଲିସ ଗୁରୁତ୍ୱ ଦେବାକୁ ଆଖ ପାଖ ଲୋକେ କହୁଥିଲେ ବି ସମସ୍ତେ ନିରବ । ଏହି ଘଟଣା ଆମ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର । ସବୁ ବେଳେ ସରକାର କହିଛନ୍ତି ମହିଳା ମାନଙ୍କୁ ପୁଲିସ ଯେଭଳି ହଇରାଣ ହରକତ ନକରି ନ୍ୟାୟ ଦେବାକୁ ଉଦ୍ୟମ କରିବେ, କିନ୍ତୁ କେନ୍ଦୁଝର ଜିଲ୍ଲା ପୁଲିସି ଅଧିନରେ ଥିବା ପାଟଣା ପୁଲିସ ଏହି ମହିଳା ଜଣକୁ ଅଢେଇ ମାସ ହେଲା କି ନ୍ୟାୟ ଦେଉଛି ତାହା ମାନ୍ୟବର ମୁଖ୍ୟମନ୍ତ୍ରୀ ବିଚାର କରିବାକୁ ଦାବି ହେଉଛି ।

# ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନୁଷ୍ଠିତ

ପୁରୀ , ୧୯/୬ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟ ଅପ୍ରତ୍ୟାଶିତ ଭାବେ ହିଁ ସଂଗଠିତ ହୋଇଥାଏ। ଏହା କୌଣସି ସମୟରେ ମଧ୍ୟ ହୋଇପାରେ। ପ୍ରାକୃତିକ ବିପର୍ଯ୍ୟୟ କୁ ରୋକା ଯାଇ ପାରିବ ନାହିଁ।କିନ୍ତୁ ସତର୍କତା, ସଚେତନତା ଓ ପୂର୍ବ ପ୍ରସ୍ତୁତି ଦ୍ୱାରା ଧନଜୀବନ ହାନି ଓ କ୍ଷୟକ୍ଷତି କୁ ରୋକିବା ସହ ବିପର୍ଯ୍ୟୟ କୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ପ୍ରାକୃତିକ ବିପର୍ଯ୍ୟୟ ର ମୁକାବିଲା ସମ୍ପର୍କରେ ଏକ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପୁରୀ ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ଭାବେ ପରିଗଣିତ। ବିଶେଷ କରି ବନ୍ୟା, ବାତ୍ୟା ଚିର ସହଚର ହୋଇ ଥିବାରୁ ଏଥିପାଇଁ ସମସ୍ତେ ଅଭିଜ୍ଞତା ଓ ଅନୁଭବ ଆଧାରରେ ସତର୍କ ରହିବାକୁ ସେ ମତ ଦେଇଥିଲେ ।୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା, ନିୟମିତ ସତର୍କତା ସୂଚନା ଉପରେ ଦୃଷ୍ଟି ରଖିବା, ସେହି ଆଧାର ରେ ଲୋକ ମାନଙ୍କୁ ସଚେତନ କରାଇବା, ବିପର୍ଯ୍ୟୟ ପରିଚାଳନା ମାର୍ଗଦର୍ଶିକା କୁ ପାଳନ କରିବା, ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକ ମାନଙ୍କ ସହ ଯୋଗାଯୋଗ ରେ ରହିବା ଉପରେ ଆଲୋକପାତ କରାଯାଇଥିଲା। ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଓ ଟେବୁଲ ଟପ ଏକ୍ସରସାଇଜର ରାଜ୍ୟ ପ୍ରତିନିଧି ନବକିଶୋର ସିଂ ଯୋଗ ଦେଇ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଓ ଟେବୁଲ ଟପ ଏକ୍ସରସାଇଜର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତ ଦେବା ସହ ଏହି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ସଫଳତା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଙ୍କ ସହଯୋଗ କାମନା କରିଥିଲେ।ଏଥିରେ ଓଡ୍ରାଫ ଓ ଅଗ୍ନିଶମ୍ବାହିନୀର ପ୍ରତିନିଧିମାନେ ଯୋଗ ଦେଇ ସୃଷ୍ଟି ହେଉଥିବା ବିଭିନ୍ନ ବିପର୍ଯ୍ୟୟ ର ମୁକାବିଲା ପାଇଁ ଗ୍ରହଣ କରିବାକୁ ଥିବା ପଦକ୍ଷେପ ସମ୍ପର୍କରେ ବିଷଦ ଭାବେ ଅବଗତ କରାଇଥିଲେ। ଏପରିକି ଦୈନନ୍ଦିନ ଜୀବନରେ ଘଟୁଥିବା ଛୋଟ ବଡ଼ ଦୁର୍ଘଟଣାକୁ କିପରି ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ନିମାପଡା ବିଡ଼ିଓ ଡଃ ଅଭିଜିତ ଷଡ଼ଙ୍ଗୀ,ଜରୁରୀ ବିଭାଗର ସହକାରୀ ଜିଲ୍ଲାପାଳ ପଞ୍ଚାନନ ପରିଜା , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।ଆଜି ମଧ୍ୟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ୧୭୯ ଗୋଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳରେ ଏହି ପରି ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ଆୟୋଜନ କରାଯିବ। ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଲାଣପୁର ବନ୍ୟା ଆଶ୍ରୟ ସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ଓ ସାମୂହିକ ଅଭ୍ୟାସ




ବଡ଼ସାହି , ୧୯/୬ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧିନ ବେତନଟୀ ବ୍ଲକ ପାଟୋଳିପୁରା ଗ୍ରା :ପ ଅଧିନସ୍ଥ ବେଲାଣପୁର ବହୁମୂଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା ଓ ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ , ଆଶ୍ରୟସ୍ଥଳୀ ପରିଚାଳନା କମିଟି ଓ ଫୋର୍ଡ ନାଖରା ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଫୋର୍ଡ ର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସରପଞ୍ଚ ମମତା ନାୟକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ସୁଶାନ୍ତ କୁମାର ସୂତାର , ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ଅତିଥି ମନୱାର ଖାନ ବେତନଟୀ ବନାଞ୍ଚଳ ଅଧିକାରୀ ମୁଖ୍ୟ ବକ୍ତା ଡଃ ରମାକାନ୍ତ ମହାନ୍ତ (ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପେଟ୍ରୋନ),ସମ୍ମାନନୀୟ ଅତିଥି ସନ୍ତୋଷ ଦୁର୍ଗା( ଅବସର ପ୍ରାପ୍ତ ଜେଲ ଅଧିକ୍ଷକ), ମମତା ଗୋଚ୍ଛାୟତ ପଞ୍ଚାୟତ ସମିତି ସଭ୍ୟା ଯୋଗଦେଇଥିଲେ । ଆଗାମୀ ଦିନରେ ପ୍ରାକୃତିକ ବିପର୍ଜୟ ପୂର୍ବ ଓ ପରବର୍ତ୍ତୀ ଅବସ୍ଥାକୁ ଲକ୍ଷ ରଖି ଧନ ଜୀବନ ସୁରକ୍ଷା ରଖିବା ସହିତ ବିପର୍ଯ୍ୟୟ ସମୟରେ ନିଜକୁ ପ୍ରସ୍ତୁତ ରଖି ଅନ୍ୟ ମାନଙ୍କୁ ସୁରକ୍ଷା କରିବା ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ । ଅଗ୍ନିଶମ ବିଭାଗର ଅଧିକାରୀ ବୃନ୍ଦ ବନ୍ୟା ,ବାତ୍ୟା, ବଜ୍ରାଘାତ , ଭୂମିକମ୍ପ, ସର୍ପଘାତ , ପ୍ରାଥମିକ ଚକିତ୍ସା ଉପରେ ଉପାଦେୟତା ତଥ୍ୟ ପ୍ରଦାନ କରିବା ସହିତ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରାଇଥିଲେ । ବିଭିନ୍ନ ଗ୍ରାମର ବିପର୍ଯ୍ୟୟ ପରିଚାଳନା ପାଇଁ ସତର୍କ ସୂଚନା , ଉଦ୍ଧାରକାରୀ ଦଳ , କ୍ଷୟକ୍ଷତି ଆକଳନ, ରିଲିଫ ଥଇଥାନ ଆଦି ଦଳ ଗଠନ କରିବା ସହିତ ବିପର୍ଯ୍ୟୟ ସମୟରେ ସରକାରୀ କର୍ମଚାରୀଙ୍କ ସହିତ ସହଯୋଗ କରି ଜନସାଧାରଣଙ୍କୁ ସାହାଯ୍ୟ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ପୁଲିନ କୁମାର ସେଠୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିପିନ କୁମାର ଟୁଡୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦେବାଶିଷ ସାହୁ ଯୋଗ ଦେଇଥିଲେ । ପଞ୍ଚାୟତ ର ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ, ଅଙ୍ଗନୱାଡ଼ି ଓ ଆଶା କର୍ମୀ ପଞ୍ଚାୟତ ରାଜ ପ୍ରତିନିଧି , ଯୁବ ସମାଜ , ଛାତ୍ର ଛାତ୍ରୀ , ସୟଂସହାୟକ୍ ଗୋଷ୍ଠୀର ସଦସ୍ୟା ଓ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ । ଚନ୍ଦନ କୁମାର ମହାରଣା କୁ ଉତ୍ତମ ସ୍ୱେଚ୍ଛାସେବୀ ଭାବରେ ମୁଖ୍ୟ ଅତିଥି ସମ୍ମାନୀତ କରିଥିଲେ । ସର୍ବଶେଷ ରେ ତିଲକେଶ୍ୱର ଦୁର୍ଗା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାରପିଟ ମାମଲା: ୩ ଜଣଙ୍କ ନାମରେ ମାମଲା ରୁଜୁ

ଜୟପୁର, ୧୯/୬ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ବଡ କାଉଡି ଗ୍ରାମର ୩ଜଣ ଯୁବକ ସେହି ଗ୍ରାମର ତୁଳାରାମ ପାର୍ଙ୍ଗି ସହ ମାରପିଟ କରିଥିବା ଅଭିଯୋଗରେ ସଦରଥାନାରେ ଏକ ମାମଲା ରୁଜୁ ହୋଇଛି। ବଡକାଉଡି ଗ୍ରାମର ତୁଳାରାମକୁ ଗତ ୧୬ ତାରିଖରେ ବଡକାଉଡି ଗ୍ରାମର ବିଦ୍ୟାଧର ସୁକ୍ରି, କୃତିବାସ ସୁକ୍ରି ଓ ଗୁପ୍ତେଶ୍ୱର ସୁକ୍ରି ଘରକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବ ଅସହ ଜୀବନରେ ମାରିଦେବାକୁ ଧମକ ଦେବା ସହ ତାଙ୍କ ବାପାଙ୍କୁ ମାରପିଟ କରିଥିବା ନେଇ ଲିଖିତ ଅଭିଯୋଗ ଦେବାପରେ ସଦରପୁଲିସ ୩ଜଣଙ୍କ ନାମରେ ମାମଲାରୁଜୁ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ

ବାରିପଦା, ୧୯/୬ (ନି.ପ୍ର): ଜିଲ୍ଲା ସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଡେପୁଟି କଲେକ୍ଟର ଶ୍ରୀମତୀ ଶ୍ରଦ୍ଧା ସୁମନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଓ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ଏସ ଆର ସି କାର୍ଯ୍ୟାଳୟର ଶ୍ରୀ ଦେବବ୍ରତ କର ଯୋଗ ଦେଇଥିଲେ। ପ୍ରାରମ୍ଭରେ ଡେପୁଟି କଲେକ୍ଟର ଶ୍ରୀମତୀ ସୁମନ ଆଜିର ଟେବୁଲ ଟପ ଏକ୍ସରସାଇଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଟେବଲ ଟପ ଏକ୍ସରସାଇଜ ମାଧ୍ୟମରେ ଆମେ କିଭଳି ବିପର୍ଯ୍ୟୟ ପରିଚାଳନା ଯୋଜନା ସବୁକୁ ଗୋଟିଏ ମଞ୍ଚରେ ସମୀକ୍ଷା କରି, ଯେଉଁ ସବୁ ପ୍ରତିବନ୍ଧକ ଅଛି ତାର ସମାଧାନ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା, ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁସଂଗଠିତ କରିବା ସହିତ ବିପର୍ଯ୍ୟୟ ପରିଚାଳନା ଯୋଜନାକୁ ଅଧିକ ରୁ ଅଧିକ ଗୁଣାତ୍ମକ, ପାରଦର୍ଶୀ, ଲୋକାଭିମୁଖୀ ଓ ସମୟୋପୋଯୋଗୀ କରି ପାରିବା ତାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ତା ୧୯.୦୬.୨୦୨୫ ରିଖରେ ୧୦ ଗୋଟି ବହୁମୁଖି ବନ୍ୟା ଆଶ୍ରୟସ୍ଥଳରେ ହେବାକୁ ଥିବା ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀ ଅନୁସାରେ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡିପିଓ ଶ୍ରୀ ଜଗବନ୍ଧୁ ମହାନ୍ତି ଜିଲ୍ଲା ସ୍ତରୀୟ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ - ୨୦୨୫ ନିମନ୍ତେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୂରଭଞ୍ଜ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଯୋଜନାକୁ ପିପିଟି ମାଧ୍ୟମରେ ଉପସ୍ଥାପନା କରିଥଲେ। ମୟୂରଭଞ୍ଜ ଜିଲ୍ଲା ବିଶେଷତଃ ବନ୍ୟା, ବାତ୍ୟା, ବଜ୍ରପାତ, ସାପକମୁଡ଼ା ଓ ଭୂସ୍ଖଳନ ଭଳି ବିପର୍ଯ୍ୟୟ ର ସାମ୍ନା କରିଥାଏ ଓ ଏହାର ପ୍ରଶମନ ନିମନ୍ତେ ଏଭଳି ଅଭ୍ୟାସ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଶ୍ରୀ କର ଟେବୁଲ ଟପ ଏକ୍ସରସାଇଜ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ସହିତ ଏହା କିଭଳି 'ଶୂନ୍ୟ ମୃତ୍ୟୁହାର' ମିଶନକୁ ସାକାର କରିବାରେ ସହାୟକ ହେବ ଓ ଆମର ବିପର୍ଯ୍ୟୟ ପରିଚାଳନା ଅତି ଉଚ୍ଚକୋଟୀର ହୋଇ ପାରିବ ତାହା ବୁଝାଇ ଥିଲେ। ଏହି ଅବସରରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗର ବିପର୍ଯ୍ୟୟ ପରିଚାଳନା ଯୋଜନା ସବୁକୁ ଉପସ୍ଥାପନା କରିଥଲେ ଓ ଏକ ମୁକ୍ତ ଆଲୋଚନା ମାଧ୍ୟମରେ ସମ୍ମାନୀତ ଅତିଥି ବିପର୍ଯ୍ୟୟ ପରିଚାଳନା ପାଇଁ ସୁଦୂର ପ୍ରସାରି, ସୁଚିନ୍ତିତ ଓ ମୂଲ୍ୟବାନ ପରାମର୍ଶ ମାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ୍ରାଫ, ଅଗ୍ନିଶମ ବିଭାଗ, ଖାଦ୍ୟ ଯୋଗାଣ, ଜଳ ଓ ପରିମଳ ବିଭାଗ, କୃଷି , ଜଳସେଚନ, ବ୍ଲକ, ପୌରପାଳିକା ଆଦିର ଅଧିକାରୀ ତଥା ସ୍ୱେଚ୍ଛାସବୀ ସଂଗଠାନ ଫୋର୍ଡ, ସ୍ୱର୍ଦ୍ଧା, ଦାସୀ, ଆଧାର, ସଙ୍କଳ୍ପ, ଶକ୍ତିଶିଖା, ଭାର୍ଡ ଏଂ ୧୦ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳର ସଚିବ ଓ ସଭାପତି ଅଂଶ ଗ୍ରହଣ କରିଥିଲେ। ସର୍ବ ଶେଷରେ ଡେପୁଟି କଲେକ୍ଟର ଶ୍ରୀମତୀ ଶ୍ରଦ୍ଧା ସୁମନ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଅନନ୍ୟ ପଦକ୍ଷେପ: ତଟରକ୍ଷୀ ବାହିନୀ ଜାହାଜ ଉପରେ ସ୍ୱତନ୍ତ୍ର ଯୋଗ ଅଧିବେଶନ




ପାରାଦୀପ, ୧୯/୬ (ନି.ପ୍ର): ଆର୍ନ୍ତଜାତୀୟ ଯୋଗ ଦିବସ ପାଳନର ଅବ୍ୟବାହିତ ପୂର୍ବରୁ ପାରାଦୀପ ବନ୍ଦର ପକ୍ଷରୁ ତଟରକ୍ଷୀ ବାହିନୀ ଜାହାଜ ଉପରେ ସ୍ୱତନ୍ତ୍ର ଯୋଗ ଅଧିବେଶନର ଆୟୋଜନ ହୋଇଥିଲା । ପାରାଦୀପଠାରେ ପୂର୍ବ ଭାରତର ତଟ ସୁରକ୍ଷା ନିମନ୍ତେ ମୁତୟନ ହୋଇଛି ଭାରତୀୟ ତଟରକ୍ଷୀ ବାହିନୀ । ତଟରକ୍ଷୀ ବାହିନୀର ଜାହାଜ ବିଜୟ ଉପରେ ଏହି ସ୍ୱତନ୍ତ୍ର ଯୋଗ ଅଧିବେଶନର ଆୟୋଜନ କରାଯାଇଥିଲା । ଏକ ଶାନ୍ତ ପରିବେଶ ମଧ୍ୟରେ ସମୁଦ୍ର ତରଙ୍ଗ ଉପରେ ଏହି ଯୋଗ ଅଧିବେଶନରେ ସହଯୋଗ କରିଥିଲେ ଭାରତୀୟ ତଟରକ୍ଷୀ ବାହିନୀ ଓ ଆର୍ଟ ଅଫ ଲିଭିଙ୍ଗର ପାରାଦୀପ ଶାଖା । ଏକ ସୁସ୍ଥ ଏବଂ ଉତ୍ପାଦନକ୍ଷମ ସାମୁଦ୍ରିକ କର୍ମଶକ୍ତି ଗଠନରେ ସୁସ୍ଥତା ଏବଂ ଆନ୍ତଃ-ଏଜେନ୍ସି ଏକତାର ଗୁରୁତ୍ୱାରୋପ କରିଥିଲେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ଜାହାଜ ଉପରେ ଏହି ସ୍ୱତନ୍ତ୍ର ଯୋଗ ଅଧିବେଶନ ବେଶ ଉତ୍ସାହ ପ୍ରଦାନ କରିଥିବା ଶ୍ରୀ ହରନାଦ କହିଥିଲେ । ଏହି ଯୋଗ ଅଧିବେଶନରେ ଯୋଗାସନ, ଶ୍ୱାସକ୍ରିୟା ପରିଚାଳନା କରାଇଥିଲେ ଅଭିଜ୍ଞ ଯୋଗ ପ୍ରଶିକ୍ଷକ । ଆସନ୍ତା ଶନିବାର ଦିନ ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ଆର୍ନ୍ତଜାତୀୟ ଯୋଗ ଦିବସ ପାରାଦୀପ ବନ୍ଦର କୃପକ୍ଷଙ୍କ ଦ୍ୱାରା ପାଳିତ ହେବ ।

# ଜିଲ୍ଲାସ୍ତରୀୟ ସୁକନ୍ୟା ସମୃଦ୍ଧି ଯୋଜନା ବୈଠକ ଅନୁଷ୍ଠିତ



ଭଦ୍ରକ, ୧୯/୬ (ନି.ପ୍ର): ସଦଭାବନା ସଭା ଗୃହ ଠାରେ ଜିଲ୍ଲା ସ୍ତରୀୟ ସୁକନ୍ୟା ସମୃଦ୍ଧି ଯୋଜନା ବୈଠକ ଅନୁଷ୍ଠିତ ହୋଇ ଯାଇଅଛି। ଏହି ବୈଠକ ର ଅଧକ୍ଷତା କରିଥିଲେ ଜିଲ୍ଲାପାଳ ଶ୍ରୀ ଦିଲିପ ରାଉତରାଏ। ଜିଲ୍ଲାର ବିଭିନ୍ନ ପ୍ରମୁଖ ବ୍ୟାଙ୍କ କର୍ମଚାରୀ, ବ୍ୟାଙ୍କ ମିତ୍ର ଓ ଅନ୍ୟାନ୍ୟ ପ୍ରଶାସନିକ ଅଧକାରୀ । ସୁକନ୍ୟା ସମୃଦ୍ଧି ଯୋଜନା ୧୦ ବର୍ଷରୁ କମ ବୟସର ଝିଅ ପିଲାଙ୍କ ପାଇଁ ଉଜ୍ଜଳ ଭବିଷ୍ୟତ ଯୋଜନା । ଏଥିରେ ବାର୍ଷିକ ୨୫୦ ଟଙ୍କା ରୁ ଦେଢ଼ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ସେହି ଝିଅ ପାଇଁ ରଖା ଯାଇପାଇବ। ୨୧ ବର୍ଷ ପରେ ଏହି ଟଙ୍କାକୁ ଝିଅର ବିଭାଘରରେ ବା ସେ ସ୍ୱ ଇଚ୍ଛାରେ ଯେଉଁ କାର୍ଯ୍ୟରେ ଲଗାଇ ପାରିବ। ତେଣୁ ଜନ ସାଧାରଣ ମାନେ ସୁକନ୍ୟା ସମୃଦ୍ଧିରେ ନିଜ ଝିଅ ପାଇଁ ଅର୍ଥର ସୁବିନିଯୋଗ କରି ନିଜ ପରିବାର ଓ ଦେଶର ବିକାଶରେ ସହଭାଗିତା ହେବା ଉଚିତ୍। ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ମୋନାଲିସା ପଣ୍ଡା ସଭା ସଞ୍ଚାଳନ କରିଥିଲେ।

# ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଓ ଦେଶରେ ଜରୁରୀକାଳୀନ ପରିସ୍ଥିତି କଳା ଦିବସର ୫୦ ବର୍ଷ ପୂର୍ଣ୍ଣ ଉପଲକ୍ଷେ ଜିଲ୍ଲା କର୍ମଶାଳା

ବାଲେଶ୍ୱର, ୧୯/୬ (ନି.ପ୍ର): ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ଆହ୍ୱାନ କରିଥିବା ବେଳେ କର୍ମଶାଳାର ରାଜ୍ୟ ମୁଖ୍ୟ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କର୍ମଶାଳା ବାବଦରେ ସମସ୍ତଙ୍କୁ ସୂଚିତ କରିଥିଲେ। ଅଖଣ୍ଡ ଭାରତର ସଂକଳ୍ପରେ କାଶ୍ମୀରରେ ପ୍ରବେଶ କରିବା ପରେ ଜନସଂଘର ପ୍ରତିଷ୍ଠାତା ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ତତ୍କାଳୀନ ଜମ୍ମୁକାଶ୍ମୀରର ସରକାର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନିର୍ଦ୍ଦେଶରେ ଗିରଫକରି ଜେଲରେ ରଖିଥିଲେ। ସେହି କାରାଗାରରେ ତାଙ୍କର ରହସ୍ୟମୟ ମୃତ୍ୟୁ ଘଟିଥିଲା। ଉକ୍ତ ଦିନରୁ ଏହାକୁ ବଳିଦାନ ଦିବସ ଭାବେ ପାଳିତ ହୋଇଆସୁଛି। ନ୍ୟାୟାଳୟରୁ ଦଣ୍ଡିତ ହେବାପରେ କ୍ଷମତାରୁ ଓହୋରି ନଜାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କ୍ଷମତା ଲାଳସାରେ ଗଣତନ୍ତ୍ର ଓ ସମ୍ବିଧାନକୁ ହତ୍ୟାକରି ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲେ। ଲୋକଙ୍କ ଠାରୁ ମୌଳିକ ଅଧିକାର, ବାକ୍ ସ୍ୱାଧୀନତା ଛଡ଼ାଇ ନିଆଯାଇଥିଲା। ସେହି ଦିନକୁ କଳା ଦିବସ ରୁପେ ପାଳିତ ହୋଇଆସୁଛି। ଯଥାକ୍ରମେ ଜୁଲାଇ ୨୩ ଓ ୨୫ ତାରିଖରେ ଉକ୍ତ ଦୁଇ କାର୍ଯ୍ୟକ୍ରମକୁ ଜିଲ୍ଲାର ସମସ୍ତ ବୁଥ୍ ସ୍ତରରେ କରିବା ପାଇଁ ଉକ୍ତ କର୍ମଶାଳାରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହା ସହିତ ପର୍ଯ୍ୟାବରଣର ସୁରକ୍ଷା ପାଇଁ ଜିଲ୍ଲାରେ ବ୍ୟାପକ ବୃକ୍ଷରୋପଣର ଯୋଜନା ପ୍ରସ୍ତୁତ କରାଯାଇଥିଲା। କୌଣସି କ୍ଷମତାଲିପ୍ସୁ ବ୍ୟକ୍ତି ବା ଦଳ ଭବିଷ୍ୟତରେ ଜରୁରୀକାଳୀନ ପରିସ୍ଥିତିର ପ୍ରୟୋଗ ନକରି ପାରିବା ପାଇଁ ଜନସଚେତନତା ସୃଷ୍ଟି କରିବା ହେଉଛି କଳା ଦିବସ ପାଳନର ମୁଖ୍ୟ ଅଭିପ୍ରାୟ ଓ ଭାରତର ଅଖଣ୍ଡତା ପାଇଁ ନିଜର ସର୍ବୋଚ୍ଚ ବଳିଦାନ ଦେଇଥିବା ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ମୃତି ଚାରଣ କରିବା ମାଧ୍ୟମରେ ନାଗରିକଙ୍କ ମଧ୍ୟରେ ବିଶେଷକରି ଯୁବା ପିଢ଼ିଙ୍କୁ ତାଙ୍କ ଆଦର୍ଶରେ ଉଦବୁଦ୍ଧ କରିବା ହେଉଛି ବଳିଦାନ ଦିବସ ପାଳନର ମୁଖ୍ୟ ଅଭିପ୍ରାୟ ବୋଲି ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ କହିଛନ୍ତି।

# ଡ଼ାକ୍ତରଙ୍କ ରକ୍ତଦାନ ନିଶା: ଖେଳାଇ ଦେଇଛି ନୂଆ ଉତ୍ସାହ



ଉଦଳା , ୧୯/୬ (ନି.ପ୍ର): ଉଦଳାସ୍ଥିତ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟରତ ଡ଼ା. ଖୁସ୍ବୁ ଅଲ୍ଲି ଖାଁ ବାରମ୍ୱାର ନିଜେ ରକ୍ତଦାନ କରିବା ସହିତ ଅନ୍ୟ ମାନଙ୍କୁ ରକ୍ତଦାନ କରିବାକୁ ପରାମର୍ଶ ଦେଉଛନ୍ତି । ଡ଼ାକ୍ତରଙ୍କ ଏଭଳି ପ୍ରେରଣା ସ୍ଥାନୀୟ ଅଂଚଳରେ ଯୁବକ ମାନଙ୍କ ମହଲରେ ଏକ ନୂଆପ୍ରକାର ଉତ୍ସାହ ଖେଳାଇ ଦେଇଛି । ଫଳରେ ବହୁସଂଖ୍ୟାରେ ଯୁବପିଢ଼ି ବର୍ତ୍ତମାନ ରକ୍ତଦାନ କରିବାକୁ ଆଗ୍ରହ ପ୍ରକାଶ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଆପଣ କାହିଁକି ବାରମ୍ୱାର ରକ୍ତଦାନ କରୁଛନ୍ତି ବୋଲି ଡ଼ା. ଖୁସ୍ବୁ ଅଲ୍ଲିଙ୍କୁ ପଚାରିବାରୁ ସେ କହିଲେ ରକ୍ତର ଅଭାବ ପାଇଁ ଡ଼ାକ୍ତରଖାନାରେ ଚିକିତ୍ସାଧିନ ବ୍ୟକ୍ତି କିଭଳି କଷ୍ଟ ଓ ଯନ୍ତ୍ରଣାଭୋଗ କରୁଛନ୍ତି ତାହା ମୁଁ ନିୟମିତ ସ୍ୱଚକ୍ଷୁରେ ଦେଖୁଛି । ତେଣୁ ଏହାର ଅଭାବ ଦୁର କରିବା ପାଇଁ ମୁଁ ନିଜେ ରକ୍ତଦାନ କରିବାକୁ ମନସ୍ଥ କରିଛି ବୋଲି ବ୍ୟକ୍ତ କରିଛନ୍ତି । ଡ଼ାକ୍ତର ଖୁସ୍ବୁ ଅଲ୍ଲିଙ୍କୁ ବୟସ ୩୦ ବର୍ଷ ଛୁଇଁଥିବା ବେଳେ ସେ ବର୍ତ୍ତମାନ ସୁଦ୍ଧା ୧୭ ଥର ରକ୍ତଦାନ କରିସାରିଥିବାର ଜଣାଇଛନ୍ତି । ବାରମ୍ୱାର ରକ୍ତଦାନ କରୁଥିବା ଯୁବକ/ଯୁବତୀ ମାନେ ନିଜେ ବହୁ ପ୍ରକାର ରୋଗରୁ ମୁକ୍ତି ପାଇଥାନ୍ତି ବୋଲି ସେ ଜଣାଇବା ସହ ବହୁ ସଂଖ୍ୟାରେ ଲୋକ ନିୟମିତ ରକ୍ତଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଏହି କାରଣରୁ ଡ଼ାକ୍ତର ଖୁସ୍ବୁ ଅଲ୍ଲିଙ୍କର ପ୍ରଶଂସା ବର୍ତ୍ତମାନ ବିଭିନ୍ନ ମହଲରେ ଶୁଣିବାକୁ ମିଳୁଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ଓଡ଼ିଶା ...

ଆସନ୍ତାକାଲି ଅପରାହ୍ଣ ୩ଟା ୪୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ। ସେଠାରୁ ପ୍ରଥମେ ତ୍ରିରଙ୍ଗା ଯାତ୍ରାରେ ଯୋଗ ଦେବେ । କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମୈଦାନ ଯାଏଁ ବିଶାଳ ରୋଡ୍ ଶୋରେ ଆସିବେ ପିଏମ୍ । ରାସ୍ତାରେ ପ୍ରାୟ ୨୮ଟି ସ୍ଥାନରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ମୋଦିଙ୍କୁ ସ୍ୱାଗତ କରାଯିବ । ୪ଟା ୧୫ରେ ଜନତା ମୈଦାନରେ ପହଞ୍ଚି ଶିଳାନ୍ୟାସ ଏବଂ ଲୋକର୍ପଣ ସହ ରାଜ୍ୟବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ରାଜଧାନୀରେ କଡାକଡି କରାଯାଇଛି ସୁରକ୍ଷା ବ୍ୟବସ୍ଥା । ୧୩୩ ପ୍ଲାଟୁନ ପୋଲିସ ଫୋର୍ସ ସହ ୫୦୦ରୁ ଅଧିକ ପୋଲିସ ଅଫିସରଙ୍କ ସହ ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ ଏବଂ ସ୍ୱତନ୍ତ୍ର ଏଜେନ୍ସିମାନେ ସୁରକ୍ଷା ଦାୟିତ୍ୱରେ ଅଛନ୍ତି ।ଏୟାର ପୋର୍ଟରୁ ଜନତା ମଇଦାନ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥା, ଆଣ୍ଟି ସେଭୋଟାଜ, କ୍ରାଉଡ କଣ୍ଟ୍ରୋଲ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି । ବର୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ଏବଂ ଓଡ୍ରାଫ ଟିମ୍ ମଧ୍ୟ ମୁତୟନ ଅଛନ୍ତି । ଆଜି ବିମାନବନ୍ଦରରୁ ଜନତା ମୈଦାନ ଯାଏଁ କାରକେଡ ରିହର୍ସାଲ ମଧ୍ୟ କରାଯାଇଛି ।

### 'ଧାମ' ପରେ ତେଜିଲା...

ଏ ଖୁଆ ସହ ସ୍ଥାନୀୟ ଅଞ୍ଚଳରୁ ଖୁଆ ସଂଗ୍ରହ କରି, ସେଥିରୁ ପେଡ଼ା ଓ ଗଜା ପ୍ରସ୍ତୁତ ପରେ ଏହାକୁ କାଗଜ ପ୍ୟାକେଟରେ ପୁରାଇ ଘର ଘର ବଣ୍ଟାଯାଉଛି । ଦୁଆରେ ରାସନ୍ ଅଭିଯାନ ନାଁରେ ରାସନ୍ ଡିଲରଙ୍କ ଜରିଆରେ ଗତ ୧୭ରୁ ଆରମ୍ଭ ହୋଇଥିବା ଏ ବଣ୍ଟା ଅଭିଯାନ ଜୁନ୍ ୨୭ ରଥଯାତ୍ରା ଦିନ ଶେଷ ହେବ । ପଶ୍ଚିମବଙ୍ଗର ପ୍ରତି ଘରେ ଯେମିତି ଏ ପ୍ରସାଦ ପହଞ୍ଚିବ, ସେଥିପାଇଁ ସରକାରୀ ଭାବେ ଜିଲ୍ଲାପାଳ, ବିଡିଓ ଓ ରାସନ୍ ଡିଲରଙ୍କୁ ଏ ଦାୟିତ୍ୱ ଦିଆଯାଇଛି । ଏପଟେ ପେଡ଼ା ଓ ଗଜାକୁ କାଗଜ ପ୍ୟାକେଟରେ ଭରି, ଏହାକୁ ମହାପ୍ରସାଦ କହି ଘରେ ଘରେ ବାଣ୍ଟିବା ଘଟଣାକୁ ସହଜରେ ଗ୍ରହଣ କରି ପାରିନାହାନ୍ତି ପୁରୀ ଶ୍ରୀମନ୍ଦିର ସହ ଜଡ଼ିତ ବିଭିନ୍ନ ନିଯୋଗର ସେବାୟତ ତଥା ଜଗନ୍ନାଥ ସଂସ୍କୃତି ପ୍ରେମୀ। ଜଗନ୍ନାଥ ସଂସ୍କୃତିକୁ ଅପମାନ ହେବା ଭଳି ଏଭଳି କାର୍ଯ୍ୟ ନକରିବାକୁ ଅପିଲ୍ କରିବା ସହ ମମତାଙ୍କ ଏଭଳି ଉଦ୍ୟମକୁ ସବୁ ମହଲରେ ଘୋର ନିନ୍ଦା କରାଯାଇଛି । କୁହାଯାଉଛି, ଲଗାତର ତୃତୀୟ ଥର ପାଇଁ ପଶ୍ଚିମବଙ୍ଗରେ କ୍ଷମତାରେ ଥିବା ମମତାଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାର ବିରୋଧରେ ବଢିବାରେ ଲାଗିଛି ସରକାର ବିରୋଧୀ ହ୍ୱାୱା । ବିରୋଧୀ ବିଜେପି ବି ସକ୍ରିୟ ଭୂମିକା ନେଇ ମମତାଙ୍କୁ ଏଥର ଗାଦିରୁ ହଟାଇବାକୁ ପଣ କରିଛି । ପୂର୍ବରୁ ମମତା ହିନ୍ଦୁ ବିରୋଧୀ ବୋଲି ଅଭିଯୋଗ ହେବା ଏବଂ ତାଙ୍କ ଉପରେ ଏକାଧିକ ବାର ହିନ୍ଦୁ ବିରୋଧୀ ଟ୍ୟାଗ୍ ଲାଗିଥିବାରୁ ଏଭଳି ପ୍ରସାଦ ଯୋଜନା କରି ମମତା ତାଙ୍କ ଭାବମୂର୍ତ୍ତି ବଦଳାଇବାକୁ ଉଦ୍ୟମ କରୁଥାଇପାରନ୍ତି ବୋଲି ମଧ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ।

### ଯାଜପୁରରେ ୨୪...

ଆବଶ୍ୟକତା ଅନୁଯାୟୀ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଜିଲ୍ଲା ଓ ବ୍ଲକ ପ୍ରଶାସନକୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାଜପୁର ଜିଲ୍ଲପାଳ ପି. ଅନ୍ୱେଷା ରେଡ୍ଡୀ କହିଛନ୍ତି ଯେ ଧୀରେ ଧୀରେ ଜିଲ୍ଲାରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି। ସ୍ଥିତିରେ ଉନ୍ନତି ପରିଲକ୍ଷିତ ହୋଇଛି। କିନ୍ତୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ୨୫ ତାରିଖରୁ ସ୍କୁଲ ଖୋଲିବ। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ମଧ୍ୟ ୨୪ ପର୍ଯ୍ୟନ୍ତ ବନ୍ଦ ରହିବ। ଅଙ୍ଗନବାଡ଼ି କର୍ମୀମାନେ ମଧ୍ୟ ସେମାନଙ୍କ କେନ୍ଦ୍ରକୁ ସଫାସୁତରା ରଖିବା ପ୍ରତି ଧ୍ୟାନ ଦେବେ। ଯେଉଁ ଅଙ୍ଗନବାଡ଼ି କେନ୍ଦ୍ରରେ ଜଳଉତ୍ସ ଥିବ, ସେଗୁଡ଼ିକର ବିଶୋଧିକରଣ କରାଯିବ। ପାନୀୟ ଜଳର ମାନ ପରୀକ୍ଷା କରାଯିବ। ସେଗୁଡ଼ିକ ପାନୀୟ ଉପଯୋଗୀ ହେଲେ ହିଁ ବ୍ୟବହାର କରାଯିବ। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ସୁରକ୍ଷିତ ଉତ୍ସରୁ ଜଳ ଉପଯୋଗ କରାଯିବ। ଯାଜପୁରରେ ପ୍ରତ୍ୟେକ ଦିନ ନୂଆ ଝାଡ଼ାବାନ୍ତି ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଆଜି ଯାଜପୁର ରୋଡ୍ ? ଡାକ୍ତରଖାନାରେ ୫ ଜଣ ଆକ୍ରାନ୍ତ ଆଡମିସନ ହୋଇଛନ୍ତି। ଏଠାରେ ଏବେ ମୋଟ ୯ ଜଣ ଚିକିତ୍ସାଧୀନ ଅଛନ୍ତି। ଦାନଗଦି ଡାକ୍ତରଖାନାରେ ୨ ଜଣ ନୂଆ ଆଡମିଶନ ହୋଇଥିବା ବେଳେ ମୋଟ ୧୨ ଜଣ ଏବଂ ସୁକିନ୍ଦା ମେଡିକାଲରେ ୫ ଜଣ ନୂଆ ଆକ୍ରାନ୍ତଙ୍କ ସମେତ ୮ ଜଣ ଚିକିତ୍ସାଧୀନ ଅଛନ୍ତି। ଦାନଗଦି ଓ ଯାଜପୁର ରୋଡ୍ ମେଡିକାଲରୁ ୨ ଜଣ ରୋଗୀ କଟକ ସ୍ଥାନାନ୍ତର ହୋଇଛନ୍ତି। ଏହିପରି ଜିଲ୍ଲାରେ ମୋଟ ୧୫୮ ଜଣ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସେହିପରି ଡାଇରିଆ ସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାରେ ୨୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସମସ୍ତ ସ୍କୁଲ ଓ କଲେଜ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ନବ ଦାସଙ୍କ ଘରେ...

ଭୁବନେଶ୍ୱର ଓ ଛତିଶଗଡର ଟିମ ଏହି ରେଡରେ ସାମିଲ ହୋଇଥିବା ବେଳେ ବ୍ରଜ ଦାସଙ୍କ ଘରୁ ଏକାଧିକ ବିଳାସପୂର୍ଣ୍ଣ କାର ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ, କିଛି ମାସ ପୂର୍ବରୁ ଦିବଙ୍ଗତ ମନ୍ତ୍ରୀ ନବ ଦାସଙ୍କ ପୁଅ ତଥା ଝାରସୁଗୁଡ଼ା ବିଧାୟିକା ପ୍ରାର୍ଥୀ ଦୀପାଳି ଦାସଙ୍କ ଭାଇ ବିଶାଳ ଦାସଙ୍କ ପିଏ ଆଶିଷ ଦାସଙ୍କ ଘରେ ଆୟକର ବିଭାଗ ପକ୍ଷରୁ ଚଡ଼ାଉ କରାଯାଇଥିଲ। ଏଥିସହ ଆୟକର ବିଭାଗ ଅଧିକାରୀ ବିଶାଳ ଦାସଙ୍କୁ ଝାରସୁଗୁଡ଼ାର ଏକ ଘରୋଇ ହୋଟେଲକୁ ଡାକି ପ୍ରାୟ ୪ ଘଣ୍ଟା ଧରି ଜେରା କରିଥିଲେ। ଗୁରୁବାର ହୋଇଥିବା ରେଡ ଉପରେ ନବ ଦାସଙ୍କ ପରିବାରରୁ କାହାର ପ୍ରତିକ୍ରିୟା ମିଳି ପାରି ନାହିଁ। ନବ ଦାସଙ୍କ ବିଜିନେସ ପାର୍ଟନର ସଞ୍ଜୟ ନନ୍ଦଙ୍କ ସୁନ୍ଦରଗଡ ଘରେ ରେଡ ଚାଲିଥିବା ନେଇ ସୂଚନା ମିଳିଛି।

### ଇସ୍ରାଏଲକୁ ବଳ ...

ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିଲେ । ହେଲେ ଇସ୍ରାଏଲ୍ ଏହାର ପାଲଟା ଜବାବ ଦେଇ ପ୍ରଚଣ୍ଡ ଆକ୍ରମଣ କରିଥିଲା । ଏପରିକି ହିଜବୁଲ୍ଲାର ସର୍ବୋଚ୍ଚ ନେତା ଇସ୍ରାଏଲ୍ ଆକ୍ରମଣରେ ନିହତ ହୋଇଥିଲେ । ହେଲେ ଏବେ ଯେତେବେଳେ ଇରାନ୍ ଓ ଇସ୍ରାଏଲ୍ ଯୁଦ୍ଧ ଲଢୁଛନ୍ତି, ସେତେବେଳେ ଏହି ସହଯୋଗୀ ମାନେ ଏକଦମ୍ ନିରବ ରହିଥିବା ଦେଖିବାକୁ ମିଳୁଛି ।

### ଯୁବକଙ୍କୁ ହାତ-ଗୋଡ଼ରେ...

ଅଦଳବଦଳକୁ କେନ୍ଦ୍ରକରି ଭୋଗରାଇ ଥାନାରେ ବାରବାଟିଆ ଗ୍ରାମର ଜୟନ୍ତୀ ଦତ୍ତ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ଯୁବକଙ୍କୁ ଗତକାଲି ଭୋଗରାଇ ପୁଲିସ ଉଠାଇ ଆଣି ଥାନାରେ ହାତ ଓ ଗୋଡ଼ରେ ବେଡ଼ି ପକାଇ ଅଟକ ରଖିଥିଲେ। ମାତ୍ର ଦୁଇ ଦିନ ଧରି ଯୁବକଙ୍କୁ ଏମିତି ଘଟଣା ସଂପର୍କରେ ଖବର ପହଞ୍ଚିବା ପରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପାଖରେ ପହଂଚିବା ପରେ ଭୋଗରାଇ ଥାନାକୁ ଆସି ଘଟଣାର ସତ୍ୟାସତ ଦେଖିଥିଲେ। କାର୍ତ୍ତିକ ଚନ୍ଦ୍ର ଭୋଳ ଏକ ବାଇକ୍ ଅଦଳବଦଳକୁ କେନ୍ଦ୍ରକରି ଭୋଗରାଇ ଥାନାରେ ବାରବାଟିଆ ଗ୍ରାମର ଜୟନ୍ତୀ ଦତ୍ତ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ଯୁବକଙ୍କୁ ଗତକାଲି ଭୋଗରାଇ ପୁଲିସ ଉଠାଇ ଆଣି ଥାନାରେ ହାତ ଓ ଗୋଡ଼ରେ ବେଡ଼ି ପକାଇ ଅଟକ ରଖିଥିଲେ। ଏହାକୁ ନେଇ ବାଲେଶ୍ୱର ଏସପିଙ୍କୁ ଭିଡ଼ିଓ କଲି ମାଧ୍ୟମରେ ଯୁବକଙ୍କ ହାତ ଗୋଡ଼ ବନ୍ଧା ଥିବା ଦେଖାଇ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଥିଲେ। ଯୁବକଙ୍କ କହିବା ଅନୁଯାଇ ଥାନା କର୍ମଚାରୀ ଅଟକ ଯୁବକଙ୍କୁ ପ୍ରବଳ ମାଡ଼ ମାରିବା ସହ ତାଙ୍କୁ କାଲିଠୁ ଗାଧେଇବା ପାଇଁ ଦେଇନାହାନ୍ତି। ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ ଏସପିଙ୍କ ସହିତ ଯୋଗାଯୋଗ ପରେ ଅଟକ ଥିବା ଯୁବକଙ୍କୁ ମେଡ଼ିକାଲ ପାଇଁ ପଠାଇଛନ୍ତି। ହାତ ଓ ଗୋଡ଼ରେ ବେଡ଼ି ପକାଇବା ଘଟଣାକୁ ସାଂସଦ ନିନ୍ଦା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିବା ବେଳେ ଥାନାରେ କର୍ମଚାରୀ ଅଭାବରୁ ଏଭଳି ବେଡ଼ି ପକା ଯାଇଛି ବୋଲି ଭୋଗରାଇ ଥାନା ଅଧିକାରୀ ଶ୍ରୀ ସାହୁ କହିଛନ୍ତି। ଯୁବକଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଶ୍ରୀବଲ୍ଲଭଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ତେବେ ଭୋଗରାଇ ଥାନାରେ ଚାରିଟି ହାଜତ ଥିଲେ ମଧ୍ୟ ତାହା ଅପରିଷ୍କାର ହୋଇ ପଡ଼ି ରହିଛି, ଯେଉଁଥି ପାଇଁ ଅନେକ ସମୟରେ ଅଭିଯୁକ୍ତମାନଙ୍କୁ ବେଡି ପକାଇ ରଖାଯାଛି। ଏନେଇ ସନ୍ଧ୍ୟା ସମୟରେ ଏଡିସନାଲ ଏସପି ଦେବଜ୍ୟାତି ଦାଶ, ଏସିଡିଓ ମାନସ କୁମାର ଦେଓ ଭୋଗରାଇ ଥାନାରେ ପହଞ୍ଚିଛନ୍ତି।

### ତଦନ୍ତ କରି ସତ ...

ଏପରିକି ନିଆଁ ଲାଗିବା ବିଷୟରେ ମଧ ପଚରାଯାଇଛି । ଜଷ୍ଟିସ ବର୍ମାଙ୍କ ବାସଭବନରେ ନିଆଁ ଲାଗିଥିବା ବେଳର ଭିଡିଓ କରାଯାଇଛି ଓ ଫଟୋ ମଧ୍ୟ ଉଠାଯାଇଛି । ତାଙ୍କ ଷ୍ଟୋରରୁମରେ ୫୦୦ ଟଙ୍କିଆ ଟଙ୍କା ବିଡା ପଡିଥିବାର ଭିଜୁଆଲ୍ ରହିଛି । ସାକ୍ଷୀମାନେ ମଧ୍ୟ ଏ କଥା କହିଛନ୍ତି । ଜଣେ ସାକ୍ଷୀ ତଦନ୍ତ ପ୍ୟାନେଲକୁ କହିଛନ୍ତି, ଏତେ ଟଙ୍କା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମୁଁ ଜୀବନରେ ଆଗରୁ କେବେ ଏତେ ଟଙ୍କା ମୋ ଆଖିରେ ଦେଖିନଥିଲି । ଏହି ଟଙ୍କା ସଂପର୍କରେ ନିଜେ ଜଷ୍ଟିସ ବର୍ମା କିମ୍ବା ତାଙ୍କ ପରିବାରର କହି ସଦସ୍ୟ ପୋଲିସ୍ କିମ୍ବା ବିଚାର ବିଭାଗର ଉଚ୍ଚପଦସ୍ଥ କର୍ତ୍ତୃପକ୍ଷଙ୍କୁ ଜଣାଇନାହାନ୍ତି । ମୁଁ ଜାଣିନାହିଁ ବୋଲି ନିଜେ ବିଚାରପତି ଯାହା କହୁଛନ୍ତି. ତାହା ବିଶ୍ୱାସ କରି ହେଉନାହିଁ ବୋଲି ତଦନ୍ତ ପ୍ୟାନେଲ୍ ମତ ଦେଇଛି । ଯଦି ଏହା ଷଡଯନ୍ତ୍ର, ତେବେ ଜଷ୍ଟିସେ ବର୍ମା କାହିଁକି ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି କିମ୍ବା ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଜଣାଇଲେ ନାହିଁ ବୋଲି ପ୍ୟାନେଲ୍ ପ୍ରଶ୍ନ କରିଛି । ଟଙ୍କା ମିଳିଥିବା ସ୍ଥାନ ଷ୍ଟୋରରୁମଟି ଜଷ୍ଟିସ ବର୍ମା ଓ ତାଙ୍କ ପରିବାର ସଦସ୍ୟଙ୍କ ନିୟନ୍ତ୍ରଣରେ ଥିଲା । ନିଆଁ ଲିଭିବା ପରେ ରୁମଟି ସଫା କରାଯାଇଥିଲା ଓ ଟଙ୍କା ଉଭାନ ହୋଇଯାଇଥିଲା । ନିଆଁ ଲିଭାଇଥିବା ଅଗ୍ନିଶମ ବାହିନୀ ଅଧିକାରୀଙ୍କୁ ରିପୋର୍ଟରେ ଟଙ୍କା କଥା ନଲେଖିବାକୁ ଜଜଙ୍କ ବ୍ୟକ୍ତିଗତ ସଚିବ କହିଥିଲେ । ପଚରାଉଚରା ବେଳେ ଫାୟାର୍ ଅଫିସର ଏହା କହିଛନ୍ତି । ଗତ ମାର୍ଚ୍ଚ ମାସରେ ଦିଲ୍ଲୀ ହାଇକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ ବର୍ମାଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା । ସେହି ସମୟରେ ସେ ଘରେ ନଥିଲେ । ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ନିଆଁ ଲିଭାଇବା ବେଳେ ଅଗ୍ନିଶମ ବାହିନୀ କର୍ମଚାରୀ ଓ ପୋଲିସ୍ ଯାହା ଦେଖିଲେ, ସେଥିରେ ସାରା ଦେଶ ସ୍ତବ୍ଧ ହୋଇଯାଇଥିଲା । ପରେ ସୁପ୍ରିମକୋର୍ଟ ଏହାର ତଦନ୍ତ ପାଇଁ ଏକ ପ୍ୟାନେଲ୍ ଗଠନ କରିଥିଲେ । ଏହି ଘଟଣା ପରେ ଜଷ୍ଟିସ ବର୍ମାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା । କିନ୍ତୁ ତାଙ୍କୁ କୌଣସି ମାମଲା ବିଚାର କାମ ଦିଆଯାଉନାହିଁ ।

# ସରକାରୀ ଜମି ଜବରଦଖଲ: ବାଡ ଉଚ୍ଛେଦ କଲା ପ୍ରଶାସନ

ନୀଳଗିରି, ୧୯/୬ (ନି.ପ୍ର): ସରକାରୀ ଜମିକୁ କିଛିଲୋକ ଜୋର ଜବରଦସ୍ତ ବାଡ ଘେରିବା ସହିତ ଘରତିଆରି କରିବା,ମାଫିଆମାନେ ବେଆଇନ ଭାବରେ ବଡବଡ ପଥର ଖଣ୍ଡକୁ ଛୋଟଛୋଟ ମେଟାଲ ଓ ଚିପ୍ସ ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି। ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବାପାଇଁ ସରକାର ଘୋଷଣା କରିଥିବାବେଳେ ନୀଳଗିରିରେ କିନ୍ତୁ ବାସ୍ତବଚିତ୍ର ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳିଛି। ଗଛକାଟି ସରକାରୀ ଜମିକୁ ବାଡଘେରି ଛୋଟଛୋଟ ଚାଳ ଛପର ଘର ତିଆରି କରି ଜମି ଗୁଡିକ ନିଜର ବୋଲି କହୁଛନ୍ତି।ଯିଏ ଏହାକୁ ପ୍ରତିବାଦ କରୁଛନ୍ତି ସେମାନଙ୍କୁ ଖରାପ ଭାଷାରେ ଗାଳିଗୁଲଜ ମଧ୍ଯ କରୁଛନ୍ତି। ସୂଚନା ଅନୁଯାୟୀ ନୀଳଗିରି ତହସିଲ ଅଧୀନ କୁଅଁରପୁର ଲାଖରାଜ ପଞ୍ଚାୟତ ମଖାପଦା ଗାଁରେ ୧୦ଏକରରୁ ଉର୍ଦ୍ଧ ସରକାରୀ ଜମିରେ କାଜୁ ଚାଷ ହୋଇଥିଲା। ଏବଂ ଉକ୍ତ ସ୍ଥାନକୁ ପଞ୍ଚାୟତ ତରଫରୁ ନିଲାମ ଦିଆଯାଇ ଦୁଇ ପଇସା ରୋଜଗାର ମଧ କରାଯାଉଥିଲା। କିନ୍ତୁ କିଛି ବର୍ଷ ହେବ ଉକ୍ତ ସରକାରୀ ଜମି ଗୁଡିକୁ କିଛି ବାହାର ଗାଁ ର ଲୋକମାନେ କିଛି କାଜୁ ଗଛ କାଟି ଜବରଦସ୍ତି ଘର ପ୍ରସ୍ତୁତ କରିବା ସହ ବାଡ ଘେରି ନିଜ ଅକ୍ତିଆରକୁ ନେଇଛନ୍ତି। ଫଳରେ ନିଲାମ ପ୍ରକ୍ରିୟା କୁ ମଧ ବନ୍ଦ କରାଯାଇଛି। କେବଳ ସେତିକି ନୁହଁ ସରକାରୀ ଜମିରେ ମଧ ମାଫିଆ ମାନେ ବେଆଇନ ଭାବରେ ବଡ ବଡ ପଥର ଖଣ୍ଡ ମାନ ପକାଇ ଏହାକୁ ଭାଙ୍ଗି ଛୋଟ ଛୋଟ ମେଟାଲ ଓ ଚିପ୍ସ ପ୍ରସ୍ତୁତ କରୁଛନ୍ତି। ଏମିତିକି ମାଟି ଓ ମୋରମ ମଧ୍ଯ ଚୋରାଚାଲଣ କରାଯାଉଥିବା ଅଭିଯୋଗ ମଧ ହୋଇଛି। ଏ ନେଇ ଗ୍ରାମବାସୀ ବାରମ୍ବାର ତହସିଲ ଓ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ ଘର ଗୁଡିକୁ ଉଚ୍ଛେଦ କରାଯାଉନାହିଁ ବୋଲି ଲୋକମାନେ ଦାବୀ କରିଛନ୍ତି। ପରେ ମିତ୍ରପୁର ଆରଆଇ ଲିପିକା ଦାସ ଘଟଣା ବାବଦରେ ଅବଗତ ହେବା ପରେ ଘଟଣା ସ୍ଥଳରେ ପହଞ୍ଚି ଜବରଦଖଲ କରାଯାଇଥିବା ସମସ୍ତ ବାଡ ଗୁଡିକୁ ଉଠାଇଥିଲେ ଓ ପରେ ସମସ୍ତ ଘର ଗୁଡିକୁ ନୋଟିସ କରାଯାଇ ଉଚ୍ଛେଦ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି।

# ନିଟ ୟୁଜି ପରୀକ୍ଷାରେ ସାଇପ୍ରିୟାଙ୍କ ସଫଳତା



ବାସୁଦେବପୁର, ୧୯/୬ (ନି.ପ୍ର): ବାସୁଦେବପୁର ବ୍ଲକର ମେଧାବୀ ଛାତ୍ରୀ ସାଇପ୍ରିୟା ମହାପାତ୍ର ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି। ମେଡ଼ିକାଲ ନାମ ଲେଖା ପାଇଁ ହୋଇଥିବା ଜାତୀୟ ପ୍ରବେଶିକା ପରୀକ୍ଷା ନିଟ୍ ୟୁ ଜି ରେ ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ମନ୍ଦାରି ଗ୍ରାମର ସାଇ ପ୍ରିୟା ମହାପାତ୍ର ଖୁବ୍ ସଫଳତା ହାସଲ କରିଛନ୍ତି। ସର୍ବ ଭାରତୀୟ ପ୍ରବେଶିକା ପରୀକ୍ଷାରେ ୫୭୦୯ ରେଙ୍କ୍ ରେ ସ୍ଥାନ ପାଇ ସେ ସଫଳ ହୋଇଛନ୍ତି। କଠିନ ପରିଶ୍ରମ, ତ୍ୟାଗ ଓ ନିଷ୍ଠା ରହିଲେ ସଫଳତା ମିଳି ପାରିବ ବୋଲି ସାଇ ପ୍ରିୟା ପ୍ରକାଶ କରିଛନ୍ତି। ସାଇ ପ୍ରିୟା ଙ୍କ ପିତା ସୋମନାଥ ମହାପାତ୍ର ବର୍ତ୍ତମାନ ମନ୍ଦାରି କଲେଜରେ ଇତିହାସ ବିଭାଗରେ ଅଧ୍ୟାପକ ଅଛନ୍ତି ଏବଂ ମାତା ସସ୍ମିତା ମହାପାତ୍ର ଜଣେ ସୁ ଗୃହିଣୀ। ଡାକ୍ତର ହୋଇ ଭବିଷ୍ୟତରେ ଲୋକ ମାନଙ୍କ ସେବା କରିବେ ବୋଲି ସାଇ ପ୍ରିୟା ପ୍ରକାଶ କରିଛନ୍ତି। କଟକ ଏସ ସି ବି ମେଡ଼ିକାଲ କଲେଜରେ ସାଇ ପ୍ରିୟା ପଢିବେ ବୋଲି ସ୍ଥିର କରିଛନ୍ତି। ବହୁ ସାହିତ୍ୟ ଅନୁଷ୍ଠାନ ଓ ଶିକ୍ଷା ଅନୁଷ୍ଠାନ ତଥା ବିଭିନ୍ନ ବନ୍ଧୁ ବର୍ଗ ସାଇ ପ୍ରିୟାଙ୍କୁ ଏହି ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ




ମୟୂରଭଞ୍ଜ, ୧୯/୬ (ନି.ପ୍ର): ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ୱାର୍ଡ଼ ନଂ ୯,ମଧୁବନ, ବାରିପଦା ଆନୁକୁଲ୍ୟରେ ଆଶ୍ରୟସ୍ଥଳୀ ସ୍ତରୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୟୂରଭଞ୍ଜ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ , ଭୁବନେଶ୍ୱରଙ୍କ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପୌରପରିଷଦ, ବାରିପଦା, ଆଶ୍ରୟସ୍ଥଳୀ ରକ୍ଷଣ ବେକ୍ଷଣ ଓ ପରିଚାଳନା ସମିତି ମଧୁବନ ୱାର୍ଡ଼ ନଂ ୯ ଓ ସ୍ୱାର୍ଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଶ୍ରୟସ୍ଥଳୀର ସମ୍ପାଦକ ଶ୍ରୀ ବିକ୍ରମ କେଶରୀ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସାଧାରଣ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ଭାରତୀ ହାଁସଦା , ମୁଖ୍ୟ ବକ୍ତା ଭାବେ ବାରିପଦା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଦେବୀ ପ୍ରସାଦ ରାଉତ, ଜରୁରିକାଳୀନ ଅଧିକାରି ଶ୍ରୀମତୀ ଶ୍ରଦ୍ଧା ସୁମନ, ସ୍ୱାର୍ଡ଼ା। ସ୍ବେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଶ୍ରୀ ବିବେକାନନ୍ଦ ପଟ୍ଟନାୟକ , ଓଡ୍ରାଫର ଅରୁଣ କୁମାର ମହାନ୍ତ , ଅବସରପ୍ରାପ୍ତ ଅଧକ୍ଷ ଡ.କୁଞ୍ଜବନ ପୃଷ୍ଟି , ୱାର୍ଡ ନଂ୮ର କାଉନସିଲର ଶ୍ରୀମତୀ ମୂର୍ଚ୍ଛନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସକାଳେ ଏକ ଡମି ମେସେଜର ବାଲେଶ୍ୱର ଜିଲା ଚାନ୍ଦିପୁର ନିକଟରେ ଲଘୁଚାପ ସୃଷ୍ଟି ହୋଇ ଅତି ପ୍ରବଳ ବର୍ଷା ସମ୍ଭାବନା ଅଛି ତାହାରି ଉପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଲୋକ ମାନେ ସାପ କାମୁଡ଼ା ଓ ବଜ୍ର ପାତ ସମୟରେ କିଭଳି ଭାବେ ସଚେତନ ରହିବେ ସେ ସମ୍ପର୍କରେ ଓଡ୍ରାଫ ତରଫରୁ ତାଲିମ ଦିଆ ଯାଇଥିଲା । ଉକ୍ତ ବୈଠକରେ ଆଶ୍ରୟସ୍ଥଳୀର ସଭ୍ୟ ଡ.ଯୋଗେନ୍ଦ୍ର ନାଥ ପଣ୍ଡା , ରଘୁନାଥ ପଣ୍ଡା, ବସନ୍ତ କୁମାର ଦାସ,ଇଶ୍ୱର ଚନ୍ଦ୍ର ଦାସ, ସୁବୋଧ କୁମାର ପଲେଇ, ପାର୍ବତୀ ମୁଣ୍ଡା, ଜ୍ୟୋସ୍ନାରାଣୀ ଜେନା, ସତ୍ୟଭାମା ସାହୁ , ପବିତ୍ର ସାମଲ ଏବଂ ଭିନ୍ନକ୍ଷମ ପତିନିଧି ,ଅଜୟ କୁମାର ବାରିକ, ସ୍ୱର୍ଡା ର ମୋହନ ମୁର୍ମୁ ତଥା ବିଭିନ୍ନ ଶ୍ରେଣୀର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଡ.କୁଞ୍ଜବନ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ।

# ବାଲେଶ୍ୱର ଜିଲ୍ଲା କଂଗ୍ରେସର ରାହୁଲ ଗାନ୍ଧୀଙ୍କ ୫୫ ତମ ଜନ୍ମଦିବସ ପାଳନ

ବାଲେଶ୍ୱର, ୧୯/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ବିରୋଧୀ ଦଳ ନେତା ଜନନାୟକ ଶ୍ରୀ ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଉପଲକ୍ଷେ ସକାଳେ ବାବା ଝାଡ଼େଶ୍ୱର ମହାଦେବ ମନ୍ଦିର ରେ ପୂଜାର୍ଚ୍ଚନା କରା ଯାଇ ବାଲିଆ ସ୍ଥିତ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ଗହଣରେ କେକ କଟାଯାଇ ଶ୍ରୀ ଗାନ୍ଧୀଙ୍କ ଜନ୍ମଦିନ ପାଳନ କରାଯାଇ ଥିଲା । ତାପରେ ଅନ୍ତେବାସୀ ବୟୋବୃଦ୍ଧ ମଉସା ମାଉସୀ ମାନଙ୍କ ସହ ମିଶି ଭୋଜନ କରିବା ସହ ସମସ୍ତ ଅନ୍ତେବାସୀ ମାନଙ୍କୁ ବସ୍ତ୍ର ପ୍ରଦାନ କରି ପ୍ରିୟ ନେତା ରାହୁଲ ଗାନ୍ଧୀଙ୍କ ଦୀର୍ଘ ଜୀବନ କାମନା କରି ଆଶୀର୍ବାଦ ଭିକ୍ଷା କରିଥିଲୁ । ଜିଲ୍ଲା ସଭାପତି ସଂଜୀବ ଗିରିଙ୍କ ନେତୃତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗୁଡିକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ବରିଷ୍ଠ ନାରୀ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀ, ସଦର ନେତା ସରୋଜ ଲେଙ୍କା, ଯୁବକଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଜଳେଶ୍ୱର ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର, ଯୁବନେତା ଜୀବନ ମହାପାତ୍ର, ଜୁବିଲି ପଣ୍ଡା, ବିଦ୍ୟାଧର ମହାନ୍ତି ଓ କେଶବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ରେମୁଣା ସ୍ନାତକ ମହାବିଦ୍ୟାଳୟରେ ନୂତନ ଶ୍ରେଣୀଗୃହର ଶୁଭ ଉଦ୍‌ଘାଟନ



ରେମୁଣା, ୧୯/୬ (ନି.ପ୍ର): ଗୁରୁବାର ସକାଳ ୧୦ ଘଟିକା ସମୟରେ ରେମୁଣା ସ୍ନାତକ ମହାବିଦ୍ୟାଳୟ ରେ ନୂତନ ଭାବେ ନିର୍ମିତ ହୋଇଥିବା ଶ୍ରେଣୀ ଗୃହର ଶୁଭ ଉଦଘାଟନ ମାନ୍ୟବର ସାଂସଦ ବାଲେଶ୍ୱର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ କରକମଳରେ ହୋଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ପ୍ରଦୀପ୍ତ ପଣ୍ଡା, ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ଜେନା ଏବଂ ଅଧକ୍ଷା ମାଳତୀ ମାଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟର କୃତି ଛାତ୍ର ଛାତ୍ରୀଙ୍କୁ ମାନ ପତ୍ର ପ୍ରଦାନ କରାଯାଇଥିଲା।

# ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ପାଳିତ



ଜଳେଶ୍ୱର, ୧୯/୬ (ନି.ପ୍ର): ବିରୋଧୀ ଦଳର ନେତା ଜନନାୟକ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କ ୫୫ ତମ ଜନ୍ମ ଦିବସ ଉପଲକ୍ଷେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଜଳେଶ୍ୱର ନଗର ସ୍ଥିତ ଶାନ୍ତିଆ ସ୍ଥିତ ଗାନ୍ଧୀ ସେବାଶ୍ରମ ରେ ଅନାଥ ପିଲାମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରା ଯାଇଥିଲା। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ପୂର୍ବତନ ଟାଉନ ସଭାପତି ଗିରିଜା ଶଙ୍କର ଦାସ, କୃଷକ ନେତା ସୁଦାମ ଚରଣ ପାତ୍ର, ସବ୍ୟସାଚୀ ଦାସ, ହରିଶଙ୍କର ଜେନା, ସପନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida